# ଓଡ଼ିଶା ବିଧାନସଭାରେ ମାନ୍ୟବର ରାଜ୍ୟପାଳ ଡକ୍ଟର ଏସ୍.ସି. ଜମିରଙ୍କ ଅଭିଭାଷଣ



ବାଚସ୍ପତି ମହୋଦୟ ଓ ମାନ୍ୟବର ସଦସ୍ୟବୃନ୍ଦ,

ପଞ୍ଚଦଶ ଓଡ଼ିଶା ବିଧାନସଭାର ନବମ ଅଧିବେଶନକୁ ଆପଣମାନଙ୍କୁ ସ୍ୱାଗତ କରି ମୁଁ ଅତ୍ୟନ୍ତ ଆନନ୍ଦିତ । ଏହି ଅବସରରେ ମୁଁ ପବିତ୍ର ଗୃହର ସମସ୍ତ ମାନ୍ୟବର ସଦସ୍ୟ ଏବଂ ଓଡ଼ିଶାବାସୀଙ୍କୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

୧. ଏହି ପବିତ୍ର ଗୃହ ତାମିଲନାଡୁର ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜୟଲଳିତା ଜୟରମଣଙ୍କ ବିୟୋଗରେ ଶୋକ ପ୍ରକାଶ କରିଅଛି । ସେହିପରି ରାଜ୍ୟର ଉନ୍ନତିକଳ୍ପେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକ, ଜଗନ୍ନାଥ ମଲ୍ଲିକ, ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ସ୍ୱର୍ଗତ ଲଳିତ ମୋହନ ଗାନ୍ଧୀ, ପୂର୍ବତନ ସ ଦାଶ, ଓଡ଼ିଶା ପୋଲିସର ପୂର୍ବତନ କନଷ୍ଟେବଲ୍ ସ୍ୱର୍ଗତ ପରନ ହାଁସଦାଙ୍କ ଦୁଃଖଦ ବିୟୋଗରେ ଗୃହ ଗଭୀର ଶୋକ ପ୍ରକାଶ କରିଅଛି । ରାଜ୍ୟର ଉନ୍ନତିରେ ଉଲ୍ଲେଖନୀୟ ଯୋଗଦାନ ରହିଥିବା ଏହି ପବିତ୍ର ଗୃହର ପୂର୍ବତନ ସଦସ୍ୟ ସ୍ୱର୍ଗତ କୁମର ବେହେରା, ବସନ୍ତ କୁମାର ସିଂ ଦଣ୍ଡପାଟ ଏବଂ ରାଜକିଶୋର ରାମ, କୋରାପୁଟ ଜିଲ୍ଲାର ସୁଙ୍କି ଘାଟିଠାରେ ଫେବୃଆରୀ ୧ ତାରିଖରେ ସଂଘଟିତ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଶହୀଦ ହୋଇଥିବା ଓଡ଼ିଶା ପୋଲିସର ହାବିଲ୍‌ଦାର ସ୍ୱର୍ଗତ ସୋମନାଥ ସିଂଶା, ପୂର୍ବତନ ସହାୟକ ଯାନ ଚାଳକ ସଞ୍ଜୟ କୁମାର ଦାସ, ସୁବର୍ଣ୍ଣ କୁମାର ରାଜ, ପ୍ରଦୀପ୍ତ କୁମାର ରାଉତ, ଅରୁଣ କୁମାର ନାୟକ, ଗଣେଶ ପ୍ରସାଦ ସା ଏବଂ ପୂର୍ବତନ ଯାନ ଚାଳକ ହାବିଲ୍‌ଦାର ସ୍ୱର୍ଗତ ତୁଳସୀଧର ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ନିମନ୍ତେ ମାନ୍ୟବର ସଦସ୍ୟବୃନ୍ଦଙ୍କୁ ମୋ ସହିତ ଯୋଗଦେବା ପାଇଁ ଅନୁରୋଧ କରୁଛି ।

୨. ରାଜ୍ୟ ସରକାର କିମ୍ବଦନ୍ତୀ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୮୦ ବର୍ଷ ପୂର୍ତ୍ତି ମହାସମାରୋହରେ ପାଳନ କରୁଛନ୍ତି । ମୋ ସରକାର ପ୍ରାକ୍ ସ୍ୱାଧୀନତା କାଳରେ ୧୮୧୭ ମସିହାରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧାଠାରେ ସଂଘଟିତ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏ ଜାତି ଏବଂ ଏହାର ବୀରତ୍ୱର ଗାଥା ଅନୁରୂପ କାର୍ଯ୍ୟକ୍ରମମାନ ଆୟୋଜନ ପୂର୍ବକ ପାଳନ କରିବା ନିମନ୍ତେ ପ୍ରସ୍ତାବ ଗ୍ରହଣ କରିଛନ୍ତି ।

୩. ମହାନଦୀର ଜଳ ଉପରେ ଓଡ଼ିଶାବାସୀଙ୍କ ନ୍ୟାଯ୍ୟ ଅଧିକାରକୁ ସୁନିଶ୍ଚିତ କରିବା ନିମନ୍ତେ ମୋ ସରକାର ରାଜ୍ୟର ଜନସାଧାରଣଙ୍କ ସହିତ ଦୃଢ଼ ଭାବରେ ଠିଆ ହୋଇଥିବାରୁ ମୁଁ ଗର୍ବିତ । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ଦ୍ୱାରା କରାଯାଉଥିବା ବେଆଇନ୍ ନିର୍ମାଣ କାର୍ଯ୍ୟକୁ ପ୍ରତିରୋଧ କରିବା ଏବଂ ଓଡ଼ିଶାର ଜୀବନରେଖା ସଦୃଶ ମହାନଦୀରେ ନିହିତ ଥିବା ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ମୋ ସରକାର ଏକ ଟ୍ରିବ୍ୟୁନାଲ ଗଠନ କରିଆରେ ଏ ସମସ୍ୟାର ସମାଧାନ କରାଯିବା

ପାଇଁ ଭାରତ ସରକାରଙ୍କୁ ଅବଗତ କରାଇବା ସହିତ ଭାରତୀୟ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିକଟରେ ଏ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି । ମହାନଦୀ ପ୍ରସଙ୍ଗରେ ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ମୋ ସରକାର ଯେ କୌଣସି ପଦକ୍ଷେପ ଗ୍ରହଣ କରିବା ପାଇଁ ସଦାସର୍ବଦା ପ୍ରସ୍ତୁତ ।

୪. ଆମେ ପ୍ରଯୁକ୍ତିବିଦ୍ୟା ଦ୍ୱାରା ବହୁଧା ପ୍ରଭାବିତ ଏକ ସମୟରେ ବାସ କରୁଛେ, ଏଣୁ ମୋ ସରକାର ଆମ ଜୀବନଧାରାକୁ ସକାରାତ୍ମକ ଭାବେ ପ୍ରଭାବିତ କରୁଥିବା ଏଭଳି ସମସ୍ତ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ଆପଣେଇବା ତଥା ବହୁଳ ପ୍ରସାର ପାଇଁ ଅତ୍ୟନ୍ତ ଆଗ୍ରହୀ । ସାମାଜିକ ଅଥବା ଅର୍ଥନୈତିକ ସମସ୍ୟାର ସମାଧାନ ଏବଂ ଆମ ସମ୍ମୁଖରେ ଥିବା ଆହ୍ୱାନଗୁଡ଼ିକର ସଫଳ ମୁକାବିଲା ନିମନ୍ତେ ପ୍ରଶାସନିକ ପଦକ୍ଷେପଗୁଡ଼ିକୁ ସୁବ୍ୟବସ୍ଥିତ ତଥା ସମୁନ୍ନତ କରିବାରେ ଉତ୍କର୍ଷ ହାସଲ କରିବା ଲକ୍ଷ୍ୟରେ ପ୍ରଯୁକ୍ତିବିଦ୍ୟାର ଗୁଣାତ୍ମକ ପ୍ରୟୋଗକୁ ମୋ ସରକାର ସର୍ବାଧିକ ଗୁରୁତ୍ୱ ଆରୋପ କରିବେ ।

୫. ଆମ ସମୟର ଆହ୍ୱାନ ଓ ଆବଶ୍ୟକତା ଆଧାରରେ ତଥା ନୂତନ ଦିଗ୍‌ଦର୍ଶନ ଏବଂ ଯଥାଯଥ ଗୁରୁତ୍ୱ ଦେବା ଉଦ୍ଦେଶ୍ୟରେ ମୋ ସରକାର କୃଷି ବିଭାଗର ନାମକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଯୋଜନା ଓ ସମନ୍ୱୟ ବିଭାଗକୁ ଯୋଜନା ଓ ସଂଯୋଜନ ବିଭାଗ, ନିଯୁକ୍ତି, ବୈଷୟିକ ଶିକ୍ଷା ଓ ତାଲିମ ବିଭାଗକୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ନାମକୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଭାବରେ ପୁନଃ ନାମିତ କରିଛନ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗକୁ ଦୁଇ ଭାଗରେ ବିଭକ୍ତ କରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ନାମରେ ଏକ ନୂତନ ବିଭାଗ ସୃଷ୍ଟି କରିଛନ୍ତି ।

୬. ମୋ ସରକାର ନିରନ୍ତର ଏବଂ ନିୟମିତ ଭାବରେ ଏକ ପୋଷଣୀୟ ଏବଂ ସମ୍ମିଳିତ ଉଚ୍ଚତର ଅର୍ଥନୈତିକ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ଏବଂ ତ୍ୱରାନ୍ୱିତ ସାମଗ୍ରିକ ବିକାଶ, ଆଞ୍ଚଳିକ, ସାମାଜିକ ଓ ଲିଙ୍ଗଗତ ବୈଷମ୍ୟ ହ୍ରାସ, ଦ୍ରୁତତର ଦାରିଦ୍ର୍ୟ ହ୍ରାସ ଏବଂ ଉନ୍ନୟନ ଯୋଜନାରେ ଅଧିକ ପୁଞ୍ଜି ବିନିଯୋଗ ଦ୍ୱାରା ରାଜ୍ୟର ଯୋଜନାବଦ୍ଧ ବିକାଶ ନିମନ୍ତେ ତତ୍ପର । ରାଜ୍ୟ ଯୋଜନା ବ୍ୟୟ ଅଟକଳ ୨୦୧୦-୧୧ ବାର୍ଷିକ ଯୋଜନାରେ ୧୧,୦୦୦ କୋଟି ଟଙ୍କା ଥିବାବେଳେ ୨୦୧୬-୧୭ ବର୍ଷରେ ଏହା ୫୦,୨୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

୭. ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ଲାଭ କରିଛି । ମୋଟ ରାଜ୍ୟ ଘରୋଇ ଉତ୍ପାଦ କ୍ଷେତ୍ରରେ ଗତ ୬ବର୍ଷ ମଧ୍ୟରେ ୬.୨୩ ପ୍ରତିଶତ ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ହାସଲ କରି ଓଡ଼ିଶା ଅର୍ଥନୀତିର କଳେବର ବାସ୍ତବ କ୍ଷେତ୍ରରେ (୨୦୧୧-୧୨ ମୂଲ୍ୟରେ) ୨୨.୨୭ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୧-୧୨ ମୂଲ୍ୟ ଭିତ୍ତିରେ ପ୍ରକୃତ ମୁଣ୍ଡପିଛା ଆୟ ୨୦୧୧-୧୨ ବର୍ଷରେ ୪୭,୬୩୨ ଟଙ୍କା ଥିବାବେଳେ ୨୦୧୬-୧୭ ବର୍ଷରେ ଏହା ୬୧,୬୭୮ ଟଙ୍କାକୁ ବୃଦ୍ଧି ପାଇଛି । ଅର୍ଥନୈତିକ ଅଭିବୃଦ୍ଧି ହାର ୨୦୧୨-୧୩ ବର୍ଷରେ ୪.୬୧ ପ୍ରତିଶତ ଥିବା ସ୍ଥଳେ ୨୦୧୬-୧୭ ବର୍ଷରେ ଏହା ୭.୯୪ ପ୍ରତିଶତରେ ପହଞ୍ଚିଛି ।

୮. ରାଜ୍ୟ ସରକାର ୨୦୧୬-୧୭ ବର୍ଷରେ ଆର୍.ଆଇ.ଡି.ଏଫ୍ - XXII ନିମନ୍ତେ ୭୬୮୬.୮୮ ଟଙ୍କାର ୧୭,୫୯୬ଟି ପ୍ରକଳ୍ପସୁପାରିଶ କରିଛନ୍ତି ଓ ଏପର୍ଯ୍ୟନ୍ତ ଅନୁମୋଦିତ ୧.୯୯ ଲକ୍ଷ ପ୍ରକଳ୍ପ ନିମନ୍ତେ ୧୭,୧୪୮.୦୭ କୋଟି ଟଙ୍କା ଆର୍.ଆଇ.ଡି.ଏଫ୍ ଋଣ ଆକାରରେ ପାଇଛନ୍ତି ।

୯. କେବିକେ ଜିଲ୍ଲାଗୁଡ଼ିକରେ ଜଳସେଚନ, ଅନୁସୂଚିତ ଜନଜାତି ଓ ଜାତି ବର୍ଗର କଲ୍ୟାଣ ଏବଂ ଯୋଗାଯୋଗ କ୍ଷେତ୍ରରେ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ରୂପାୟନ ନିମନ୍ତେ ମୋ ସରକାର ରାଜ୍ୟ ଯୋଜନା ଅଧୀନରେ ୨୦୧୬-୧୭ ବର୍ଷରେ ବିଜୁ କେବିକେ ଯୋଜନା ପାଇଁ ବଜେଟ୍‌ରେ ୨୫୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରିଛନ୍ତି । ପଶ୍ଚିମ ଓଡ଼ିଶାରେ ଆଞ୍ଚଳିକ

ବୈଷମ୍ୟ ହ୍ରାସ ଓ ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅବିରତ କାର୍ଯ୍ୟ କରୁଛି । ସେହିପରି, କନ୍ଧମାଳ ଓ ଗଜପତି ଜିଲ୍ଲାରେ ରାସ୍ତା, ବିଦ୍ୟୁତ୍, ଜଳ ଓ ଜୀବିକା ନିର୍ବାହ କ୍ଷେତ୍ରରେ ଭିତ୍ତିଭୂମି ଉନ୍ନୟନ ନିମନ୍ତେ ରାଜ୍ୟର ନିଜସ୍ୱ ସମ୍ବଳରୁ ୨୦୦୯-୧୦ ବର୍ଷଠାରୁ ବିଜୁ କନ୍ଧମାଳ ଓ ଗଜପତି ଯୋଜନା କାର୍ଯ୍ୟକାରୀ ହୋଇଆସୁଛି ।

୧୦. ଯୋଜନା ପ୍ରକ୍ରିୟାରେ ସ୍ଥାନୀୟ ଜନସାଧାରଣ ଏବଂ ସେମାନଙ୍କ ପ୍ରତିନିଧିମାନଙ୍କ ସହଭାଗିତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ୧ କୋଟି ଟଙ୍କା ଏବଂ ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମ ଯୋଜନାରେ ୫୦ ଲକ୍ଷ ଟଙ୍କା ଲେଖାଏଁ ସଂପୃକ୍ତ ଅଞ୍ଚଳର ସ୍ଥାନୀୟ ଆବଶ୍ୟକତା ପୂରଣ କରିବା ପାଇଁ ଆବଶ୍ୟକ ହେଉଥିବା କ୍ଷୁଦ୍ର ଅତ୍ୟାବଶ୍ୟକୀୟ ପ୍ରକଳ୍ପ କାର୍ଯ୍ୟ ପାଇଁ ପ୍ରତି ନିର୍ବାଚନ ମଣ୍ଡଳୀକୁ ଯୋଗାଇ ଦିଆଯାଉଛି ।

୧୧. ମୋ ସରକାର ଯୋଜନା ପ୍ରକ୍ରିୟାରେ ଲୋକ ପ୍ରତିନିଧିମାନଙ୍କୁ ଅଧିକ ସହଭାଗୀ କରିବା ନିମନ୍ତେ ୨୦୧୫ ମସିହାରେ ଓଡ଼ିଶା ଜିଲ୍ଲା ଯୋଜନା କମିଟି ଅଧିନିୟମ ଓ ୨୦୧୬ରେ ଏହାର ନିୟମାବଳୀରେ ସଂଶୋଧନ କରିଛନ୍ତି । ଯୋଜନା ପ୍ରକ୍ରିୟାରେ ମହିଳାମାନଙ୍କ ଅଧିକ ଯୋଗଦାନ ନିମନ୍ତେ ଜିଲ୍ଲା ଯୋଜନା କମିଟିରେ ଅଧିକ ସଂଖ୍ୟକ ମହିଳା ସଦସ୍ୟ ରହିପାରିବା ପାଇଁ ମୋଟ ନିର୍ବାଚିତ ସଦସ୍ୟ ପଦବୀରୁ ଅର୍ଦ୍ଧେକ ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇଛି । ସେହିପରି ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ମହିଳାମାନଙ୍କ ସକ୍ରିୟ ଯୋଗଦାନ ଲକ୍ଷ୍ୟରେ ଜିଲ୍ଲା ଯୋଜନା କମିଟିର ମନୋନୀତ ଅଧ୍ୟକ୍ଷ ପୁରୁଷ ହୋଇଥିଲେ ସଂପୃକ୍ତ ଜିଲ୍ଲାରେ ଉପାଧ୍ୟକ୍ଷ ପଦବୀ ମହିଳାମାନଙ୍କ ନିମନ୍ତେ ସଂରକ୍ଷିତ କରାଯାଇଛି । ଏହି ସଂଶୋଧିତ ଅଧିନିୟମ ଅନୁଯାୟୀ ଓଡ଼ିଶା ବିଧାନସଭାର ୧୧ ଜଣ ସଦସ୍ୟଙ୍କୁ ୧୧ଟି ଜିଲ୍ଲାର ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି ।

୧୨. ବିକାଶର ସମସ୍ତ ପର୍ଯ୍ୟାୟରେ ଅଭିନବ ଚିନ୍ତନ ମହତ୍ୱପୂର୍ଣ୍ଣ । ମୋ ସରକାର ଅଭିନବୀକରଣରେ କୃତିତ୍ୱକୁ ସର୍ବଦା ପ୍ରୋତ୍ସାହନ ଦେଉଛନ୍ତି ଏବଂ ରାଜ୍ୟରେ ଇନୋଭେସନ ତଥା ଇନକ୍ୟୁବେସନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରାଉରକେଲା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର ଏବଂ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି, ବୁର୍ଲା ସହିତ ସହଭାଗିତା କରିଛନ୍ତି । ଯୋଜନା ପ୍ରକ୍ରିୟାରେ ସଂଯୋଜନକୁ ଗୁରୁତ୍ୱ ଦେଇ ଯୋଜନା ଓ ସଂଯୋଜନ ବିଭାଗରେ ଏକ ସଂଯୋଜନ ସେଲ୍ ଗଠନ କରାଯାଇଛି ।

୧୩. ବିକାଶ ତଥା ପ୍ରଶାସନର ବିଭିନ୍ନ ଅଗ୍ରାଧିକାର କ୍ଷେତ୍ରରେ ଅଭିନବ ଚିନ୍ତନକୁ ପ୍ରୋତ୍ସାହନ ଦେବା ନିମନ୍ତେ ସମ୍ପୃକ୍ତ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରି ବକ୍ତୃତାମାଳାର ଆୟୋଜନ ଓ ରାଜ୍ୟର ବରିଷ୍ଠ ପଦାଧିକାରୀମାନଙ୍କ ସହିତ ଭାବ ବିନିମୟ ଲକ୍ଷ୍ୟରେ ଓଡ଼ିଶା ଜ୍ଞାନପୁଞ୍ଜି ବକ୍ତୃତାମାଳା ଆରମ୍ଭ କରାଯାଇଛି । ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଂପୃକ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି । ଗମନାଗମନ ସୁବିଧା ନଥିବା ଅଞ୍ଚଳ ପାଇଁ ଯୋଗାଯୋଗ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ଇତ୍ୟାଦି ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରାଯାଇ ଅଗ୍ରାଧିକାର ଭିତ୍ତିରେ ଗ୍ରାମାଞ୍ଚଳ ଭିତ୍ତିଭୂମିର ଆବଶ୍ୟକତା ପୂରଣ ନିମନ୍ତେ ୨୦୧୬-୧୭ରେ ଏକ ନୂତନ ଯୋଜନା 'କ୍ରିଟିକାଲ୍ ଗ୍ୟାପ୍ ଫଣ୍ଡ ଫର୍ ଡିଷ୍ଟ୍ରିକ୍ଟ ପ୍ଲାନ୍' ଆରମ୍ଭ କରାଯାଇଛି ।

୧୪. ବିଭିନ୍ନ ଆର୍ଥିକ ସଂସ୍କାର ମୂଳକ ପଦକ୍ଷେପ ଜରିଆରେ ବିଗତ ୧୫ ବର୍ଷ ମଧ୍ୟରେ ଅର୍ଥ ବ୍ୟବସ୍ଥାରେ ରାଜ୍ୟ ଉଲ୍ଲେଖନୀୟ ଉନ୍ନତି ହାସଲ କରିପାରିଛି, ଫଳରେ ରାଜ୍ୟ ନିଜସ୍ୱ ସମ୍ବଳରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେବାରେ ସକ୍ଷମ ହୋଇପାରିଛି ।

୧୫. ଋଣଭାର ହ୍ରାସ କରି ଏକ ଋଣ-ପୋଷଣୀୟ ସ୍ତରରେ ପହଞ୍ଚିବାରେ ମୋ ସରକାରଙ୍କ ଉଦ୍ୟମ ଉଲ୍ଲେଖନୀୟ । ଋଣଭାର ସହିତ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜି.ଏସ୍.ଡି.ପି) ଅନୁପାତ ୨୦୦୨-୦୩ରେ ୫୦.୭ ପ୍ରତିଶତ ଥିବାବେଳେ

୨୦୧୫-୧୬ରେ ଏହା ୧୫.୭ ପ୍ରତିଶତକୁ ହ୍ରାସ ପାଇଛି । ସେହିପରି ୨୦୦୧-୦୨ରେ ରହିଥିବା ରାଜସ୍ୱ ସଂଗ୍ରହ ଉପରେ ଦେୟ ସୁଧ ଅନୁପାତ ୪୦.୨ ପ୍ରତିଶତରୁ ୨୦୧୫-୧୬ରେ ୪.୯ ପ୍ରତିଶତକୁ ଖସିଆସିଛି । ଋଣ ପୁଞ୍ଜିର ବିଜ୍ଞ ପରିଚାଳନା ଦ୍ୱାରା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଋଣ ସହାୟତାରେ ଉଚ୍ଚତର ପୁଞ୍ଜି ବିନିଯୋଗ ନିମନ୍ତେ ରାଜ୍ୟରେ ଏକ ପ୍ରକୃଷ୍ଟ ସୁଯୋଗ ସୃଷ୍ଟି ହୋଇଛି ।

୧୬. ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ପୁଞ୍ଜି ନିବେଶ ନିମନ୍ତେ ୮ବର୍ଷର ବ୍ୟବଧାନ ପରେ ରାଜ୍ୟ ୨୦୧୪-୧୫ଠାରୁ ଭାରତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହାରାହାରି ଋଣ ସୀମା ମଧ୍ୟରେ ଖୋଲା ବଜାରରୁ ଋଣ ଉଠାଣ ଆରମ୍ଭ କରିଛି । ୨୦୦୫-୦୬ ବର୍ଷଠାରୁ କ୍ରମାଗତଭାବେ ରାଜ୍ୟ ବଳକା ରାଜସ୍ୱ ସୃଷ୍ଟି କରିପାରିଥିବାରୁ ଋଣ ରାଶିକୁ ସମ୍ପୂର୍ଣ୍ଣ ରୂପେ ଆୟ ବୃଦ୍ଧିକାରୀ ପୁଞ୍ଜି ସଂପତ୍ତି ସୃଷ୍ଟି ନିମନ୍ତେ ବିନିଯୋଗ କରାଯାଇଛି ।

୧୭. ଅର୍ଥନୀତି ଉପରେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ନୋଟ୍ ବିମୁଦ୍ରୀକରଣର ପ୍ରଭାବ ପୂର୍ଣ୍ଣ ଭାବରେ ଏଯାଏଁ ଆକଳନ ହୋଇପାରି ନାହିଁ । ତେବେ ୫୦୦ ଓ ୧୦୦୦ ଟଙ୍କାର ବ୍ୟାଙ୍କ ନୋଟ୍ ପ୍ରତ୍ୟାହାର ଫଳରେ ବହୁଳ ଭାବେ ନଗଦ କାରବାର କ୍ଷେତ୍ରଗୁଡିକ ପ୍ରଭାବିତ ହୋଇଛି । ଏହି ପଦକ୍ଷେପ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ଅର୍ଥନୀତି ଏବଂ ସାଧାରଣ ଅର୍ଥ ବ୍ୟବସ୍ଥାରେ ଦ୍ରୁତ ଅବନତି ଆଣିଥିଲା । ପୂର୍ବ ମାସ ତୁଳନାରେ ଡିସେମ୍ବର ୨୦୧୬ରେ ନିଜସ୍ୱ ଟିକସ ସଂଗ୍ରହ କ୍ଷେତ୍ରରେ ୧୧ ପ୍ରତିଶତରୁ ଊର୍ଦ୍ଧ୍ୱ ହ୍ରାସ ଏହାର ପ୍ରତ୍ୟକ୍ଷ ପ୍ରମାଣ ଅଟେ ।

୧୮. ସରକାରୀ ବ୍ୟୟର ମାନ ବୃଦ୍ଧି ଓ ଉତ୍ପାଦନ କ୍ଷେତ୍ରରେ ଦକ୍ଷତା ହାସଲ ମୋ ସରକାରଙ୍କ ପ୍ରାଥମିକତା । ବ୍ୟୟ ପରିଚାଳନାର ମାନ ବୃଦ୍ଧି ଉଦ୍ଦେଶ୍ୟରେ ବଜେଟ୍ ବ୍ୟବସ୍ଥା ଓ ବ୍ୟୟ ପରିଚାଳନା, ପ୍ରକଳ୍ପ ପ୍ରସ୍ତୁତି ଏବଂ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କ୍ଷେତ୍ରରେ ରାଜ୍ୟ ସରକାର ଅନେକଗୁଡ଼ିଏ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ।

୧୯. ମୋ ସରକାର କୃଷକମାନଙ୍କ ସଶକ୍ତିକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦେଉଥିବାରୁ ସ୍ୱତନ୍ତ୍ର କୃଷି ବଜେଟ୍‌ରେ ୧୩,୧୮୨ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । କୃଷି କ୍ଷେତ୍ରରେ ଖାଦ୍ୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳତା, ନିଯୁକ୍ତି ସୃଷ୍ଟି, କୃଷିରେ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ, ମୂଲ୍ୟ ସୂଚକାଙ୍କରେ ଅସ୍ଥିରତା ନିରାକରଣ କୃଷକମାନଙ୍କ ଆୟ ଏବଂ କୃଷି କ୍ଷେତ୍ରରେ ନିବେଶ ବୃଦ୍ଧି ଭଳି ପ୍ରସଙ୍ଗ ଉପରେ ଦୃଷ୍ଟି ରଖିବାକୁ ଆମର ଏକ କୃଷି କ୍ୟାବିନେଟ୍ ରହିଛି । ରାଜ୍ୟରେ କୃଷିର ବିକାଶ ନିମନ୍ତେ ୧ ଲକ୍ଷ ସେଚ କୂପ ଖନନ, କୃଷି ସଂପ୍ରସାରଣ ସେବା, କୃଷକମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ବିହନ ରିହାତି ଜମା ଏବଂ କୃଷି ବିକାଶ ନିମନ୍ତେ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ସହ ଚୁକ୍ତି ସ୍ୱାକ୍ଷର ଭଳି କାର୍ଯ୍ୟ ହାତକୁ ନେବା ପାଇଁ କୃଷି କ୍ୟାବିନେଟ୍ ସ୍ଥିର କରିଛି ।

୨୦. ଜାତୀୟ ନମୁନା ସର୍ବେକ୍ଷଣ ସଂଗଠନ କୃତ ୨୦୧୨-୧୩ ମସିହାର ସର୍ବେକ୍ଷଣ ଅନୁଯାୟୀ ୨୦୦୨-୦୩ ବର୍ଷ ସର୍ବେକ୍ଷଣ ତୁଳନାରେ କୃଷିକ୍ଷେତ୍ରରେ ରୋଜଗାର ଦୁଇ ଗୁଣ ହୋଇଛି । ୨୦୧୪-୧୫ ବର୍ଷରେ ଆମର ଖାଦ୍ୟଶସ୍ୟ ଉତ୍ପାଦନ ସର୍ବକାଳୀନ ଶୀର୍ଷ ୧୧୮.୨୪ ଲକ୍ଷ ମେଟ୍ରିକ ଟନ୍ ଛୁଇଁ ପାରିଛି, ଯାହାକି ୨୦୧୩-୧୪ ବର୍ଷର କୃଷି ଉତ୍ପାଦନ ୯୬.୩୬ ଲକ୍ଷ ମେଟ୍ରିକ ଟନ୍ ଠାରୁ ୨୨.୭ ପ୍ରତିଶତ ବୃଦ୍ଧି ପାଇଛି ଏବଂ ୨୦୦୦-୦୧ ମସିହାରେ ହୋଇଥିବା ଉତ୍ପାଦନ ତୁଳନାରେ ଦୁଇଗୁଣ ହୋଇଛି । ଧାନର ବିହନ ପ୍ରତିବଦଳ ଅଭିବୃଦ୍ଧି ହାର ସର୍ବକାଳୀନ ରେକର୍ଡ ୩୭ ପ୍ରତିଶତକୁ ବୃଦ୍ଧି ପାଇଛି ।

୨୧. ଏସବୁ ସହିତ ଆମ ରାଜ୍ୟ ଅନ୍ତର୍ଜାତୀୟ ମକା ଓ ଗହମ ଉନ୍ନତିକରଣ କେନ୍ଦ୍ର ସହଯୋଗିତାରେ ଆଦ୍ରତା ହ୍ରାସ ସହନଶୀଳ ମକା ଏବଂ ଅନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ ସହଯୋଗିତାରେ ଧାନ ଭିତ୍ତିକ ଶସ୍ୟ ଉତ୍ପାଦନ ପ୍ରଯୁକ୍ତିବିଦ୍ୟା ହାସଲ ନିମନ୍ତେ ଉଦ୍ୟମ କରିଛି । ଜନଜାତି ଅଧ୍ୟୁଷିତ ଅଞ୍ଚଳର ଲୋକମାନଙ୍କୁ ପୁଷ୍ଟି ନିରାପତ୍ତା ଯୋଗାଇବା ନିମନ୍ତେ ରାଜ୍ୟର ୭ଟି

ଆଦିବାସୀ ଜିଲ୍ଲାରେ ୨୦୧୬-୧୭ ବର୍ଷରେ ବାଜରା ଚାଷ ନିମନ୍ତେ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରାଯାଉଛି । କୃଷି ଯାନ୍ତ୍ରିକୀକରଣରେ ଅନ୍‌ଲାଇନ୍ ରିହାତି ପ୍ରଦାନ ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ସାରା ଦେଶରେ ପ୍ରଥମ।

୨୨. କୃଷି କ୍ଷେତ୍ରରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ବ୍ୟବହାର ରାଜ୍ୟରେ କୃଷି ଯନ୍ତ୍ରପାତିର ପ୍ରୟୋଗ ଓ ବିତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି । ୨୨ ଲକ୍ଷରୁ ଅଧିକ କୃଷକ ନିୟମିତ ଭାବରେ ମୋବାଇଲ ଏସ୍‌ଏମଏସ୍ ଜରିଆରେ ଉତ୍ତମ କୃଷି କାର୍ଯ୍ୟ ସମ୍ବନ୍ଧୀୟ ସୂଚନା ଓ ପରାମର୍ଶ ପାଇପାରୁଛନ୍ତି । ଜଳନିଧି ଏବଂ ବିଜୁ କୃଷକ ବିକାଶ ଯୋଜନା ଜରିଆରେ ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଏହି ଯୋଜନାରେ ଏକକ ଏବଂ ଗୋଷ୍ଠୀ ପରିଚାଳିତ ଘରୋଇ ଉଠାଜଳସେଚନ ପ୍ରକଳ୍ପ (ଅଗଭୀର ନଳକୂପ, ବୋର୍ ୱେଲ, ସେଚ କୂପ ଖନନ ଏବଂ ଭୂପୃଷ୍ଠ ଉଠା ଜଳସେଚନ)ଗୁଡ଼ିକୁ ପ୍ରୋତ୍ସାହିତ କରାଯାଉଛି । ଅମଳ ପରବର୍ତ୍ତୀ ଅବସ୍ଥାର ସୁପରିଚାଳନା ନିମନ୍ତେ ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକରେ କଂକ୍ରିଟ ଧାନଖଳା ଓ ଧାନ ଶୁଖାଇବା ଚଟାଣ ନିର୍ମାଣକୁ ପ୍ରୋତ୍ସାହନ ଦିଆଯାଉଛି ।

୨୩. ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ପ୍ରକ୍ରିୟାରେ ବିଭିନ୍ନ ଯୋଜନାରେ ନିବେଶ ରିହାତି ପ୍ରଦାନ କରାଯାଉଛି । ଏଥିରେ ୧୭.୮୯ ଲକ୍ଷ କୃଷକ ପଞ୍ଜିକୃତ ହୋଇସାରିଛନ୍ତି ଏବଂ ଏହି ପ୍ରକ୍ରିୟା ଅବ୍ୟାହତ ରହିଛି । ଏମ୍-କିଷାନ ପୋର୍ଟାଲରେ ୨୫ ଲକ୍ଷ ୫୦ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ପଞ୍ଜିକୃତ କରାଯାଇଛି ଏବଂ ସେମାନଙ୍କୁ କୃଷି ପାଣିପାଗ, ଚାରା ସୁରକ୍ଷା ଏବଂ ବିହିତ ଶସ୍ୟ ଉତ୍ପାଦନ କୌଶଳ ପ୍ରୟୋଗ ପ୍ରଭୃତି ବିଷୟରେ ମୋବାଇଲ ମେସେଜ୍ ମାଧ୍ୟମରେ ସୂଚନା ଯୋଗାଇ ଦିଆଯାଉଛି ।

୨୪. ପ୍ରତି ବ୍ଲକରେ କୃଷି ସୂଚନା ପରାମର୍ଶ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଓ ସହଯୋଗ ଭିତ୍ତିରେ ଯୋଜନା ପ୍ରସ୍ତୁତି ଏବଂ କାର୍ଯ୍ୟକ୍ରମ ରୂପାୟନକୁ ପ୍ରୋତ୍ସାହିତ କରାଯାଉଛି । ଏଯାବତ୍ ୫୭.୬୧ ଲକ୍ଷ କୃଷକ ପରିବାରଙ୍କୁ ବିଜୁ କୃଷକ କଲ୍ୟାଣ ଯୋଜନାରେ ପଞ୍ଜିକୃତ କରାଯାଇଛି ଏବଂ ସେମାନଙ୍କୁ ସ୍ୱାସ୍ଥ୍ୟବୀମା ସୁବିଧା ଯୋଗାଇ ଦିଆଯାଉଛି । ମୋ ସରକାର ପୁନଶ୍ଚ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ନେଇ ଋଣ ପରିଶୋଧରେ ଖିଲାପି କରୁନଥିବା କୃଷକଙ୍କ ପାଇଁ ସୁଧହାର ୨ ପ୍ରତିଶତରୁ ୧ ପ୍ରତିଶତକୁ ହ୍ରାସ କରିଛନ୍ତି ।

୨୫. ଓଡ଼ିଶା ମତ୍ସ୍ୟ ନୀତି - ୨୦୧୫ ଅନୁମୋଦିତ ହୋଇଛି ଓ ୫ ବର୍ଷ ମଧ୍ୟରେ ରାଜ୍ୟରେ ମତ୍ସ୍ୟ ଉତ୍ପାଦନକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରଖାଯାଇଛି । ୨୦୧୫-୧୬ ବର୍ଷରେ ସାମୁଦ୍ରିକ ମତ୍ସ୍ୟ ରପ୍ତାନୀ ୧୭୯୧.୮୧ କୋଟି ଟଙ୍କାକୁ ଛୁଇଁପାରିଛି । ଆଗାମୀ ବର୍ଷଗୁଡ଼ିକରେ ମୋ ସରକାର ୨୦,୦୦୦ କୋଟି ଟଙ୍କାର ରପ୍ତାନୀ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଲୁଣି ପାଣିରେ ଚିଙ୍ଗୁଡି ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟରେ ୩୨ଟି ଘେରି ଅଞ୍ଚଳ ଚିହ୍ନଟ କରାଯାଇଛି ଏବଂ ଏହି ଅଞ୍ଚଳର ୨୦୧୬-୧୭ ବର୍ଷରେ ବିଦ୍ୟୁତ ଓ ରାସ୍ତା ସଂଯୋଗୀକରଣ ଭିତ୍ତିଭୂମିର ବିକାଶ କରାଯାଇଛି ।

୨୬. ୨୦୧୬-୧୭ ବର୍ଷରେ ୧୬୦୧.୮୩ ହେକ୍ଟର ପରିମିତ ନୂତନ ଜଳାଶୟ ସୃଷ୍ଟି କରାଯାଇଛି । ରାଜ୍ୟର ମତ୍ସ୍ୟଜୀବୀ ଏବଂ ମତ୍ସ୍ୟଚାଷୀମାନଙ୍କୁ ୩,୭୪,୮୦୦ଟି ମୋବାଇଲ ସିମ୍‌କାର୍ଡ ବଣ୍ଟନ କରାଯାଇଛି । ମତ୍ସ୍ୟଜୀବୀ ବାସଗୃହ ଯୋଜନାରେ ମତ୍ସ୍ୟଜୀବୀମାନଙ୍କୁ ୩୭୨୫ଟି ବାସଗୃହ ଆବଣ୍ଟନ କରାଯାଇଛି । କ୍ଷୁଦ୍ର ମତ୍ସ୍ୟ ଚାଷ ଓ ଗୁଣାତ୍ମକ ଯାଆଁଳ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ନିମନ୍ତେ ୨୦୧୬-୧୭ ବର୍ଷରେ ୱାର୍ଲଡ ଫିସ୍ ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

୨୭. ୨୦୧୬-୧୭ ବର୍ଷରେ 'ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ନିମନ୍ତେ ସପ୍ଲିମେଣ୍ଟେସନ୍ ଅଫ୍ ମିନେରାଲ୍ ମିକ୍ସଚର ଯୋଜନାରେ ୫୦,୦୦୦ ଦୁଗ୍ଧ ଉତ୍ପାଦନକାରୀ ଚାଷୀ ଉପକୃତ ହୋଇଛନ୍ତି । 'ରାଷ୍ଟ୍ରୀୟ କୃଷକ ବିକାଶ ଯୋଜନା'ରେ ୭୫,୦୦୦ ହେକ୍ଟର ଜମିକୁ ଗୋଖାଦ୍ୟ ଉତ୍ପାଦନ ନିମନ୍ତେ ଅନ୍ତର୍ଭୁକ୍ତ କରାଯାଇଛି । ସପ୍ତାହକୁ ୩୦,୦୦୦ କୁକୁଡ଼ା ଚିଆଁ ଉତ୍ପାଦନ କ୍ଷମତା ସମ୍ପନ୍ନ ୪୪ଟି ହ୍ୟାଚେରୀକୁ କାର୍ଯ୍ୟକ୍ଷମ କରାଯାଇ ରାଜ୍ୟର ଘର ଅଗଣା କୁକୁଡ଼ା ଉତ୍ପାଦନକୁ ସୁଦୃଢ଼ କରାଯାଇଛି ।

୨୮. ୨୦୧୭-୧୮ ବର୍ଷରେ ରାଜ୍ୟରେ ଦୈନିକ ହାରାହାରି ଦୁଗ୍ଧ ଉତ୍ପାଦନ ଓ ସଂଗ୍ରହ ୬.୬ ଲକ୍ଷ ଲିଟରକୁ ଛୁଇଁବ ବୋଲି ଆଶା କରାଯାଉଛି । ଦୁଗ୍ଧ ଶୀତଳୀକରଣ ଏବଂ ପ୍ରକ୍ରିୟାକରଣ କ୍ଷମତା ଯଥାକ୍ରମେ ଦୈନିକ ୯.୪ ଲକ୍ଷ ଓ ୭.୦ ଲକ୍ଷ ଲିଟରକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

୨୯. ମୋ ସରକାର ରାଜ୍ୟର ଚାଷୀ ଓ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ନିମନ୍ତେ ଶସ୍ୟ ବୀମା, ଧାନ ସଂଗ୍ରହ, ଭଣ୍ଡାର ଗୃହଗୁଡ଼ିକର ଦକ୍ଷ ପରିଚାଳନା, କୃଷି ବିପଣନ ସଂସ୍କାର, ଗ୍ରାମପଞ୍ଚାୟତ ସ୍ତରରେ ସମସ୍ତ କୃଷି ଉତ୍ପାଦନ ସାମଗ୍ରୀ ଉପଲବ୍ଧ ହେବାର ଏକମାତ୍ର କେନ୍ଦ୍ର ଭାବରେ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକର ଉନ୍ନତିକରଣ ପରି ବହୁବିଧ ସେବା ପ୍ରଦାନରେ ସମବାୟ ସଂସ୍ଥାଗୁଡ଼ିକର ଗୁରୁତ୍ୱକୁ ପୂର୍ଣ୍ଣ ରୂପେ ଉପଲବ୍ଧି କରିଛନ୍ତି । ଓଡ଼ିଶାର ଚାଷୀମାନଙ୍କୁ ସମୁଦାୟ କୃଷି ଋଣର ୬୫ ପ୍ରତିଶତ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକ ମାଧ୍ୟମରେ ବଣ୍ଟନ କରାଯାଇଥାଏ ।

୩୦. ଭିତ୍ତିଭୂମି ସୁବିଧାର ବିକାଶ, ବ୍ୟବସାୟ ବୃଦ୍ଧି, ମାନବ ସମ୍ବଳ ବିକାଶ ନିମନ୍ତେ ଅଂଶଧନ ଓ ସର୍ବନିମ୍ନ ଆବଶ୍ୟକ କାର୍ଯ୍ୟକାରୀ ପୁଞ୍ଜି ଯୋଗାଣ, ସମବାୟ ସଂସ୍ଥାଗୁଡ଼ିକରେ କର୍ମଚାରୀମାନଙ୍କ ତାଲିମ ଇତ୍ୟାଦି ନିମନ୍ତେ ସମବାୟ ସମିତି ଗୁଡ଼ିକୁ ଯଥେଷ୍ଟ ପରିମାଣର ସହାୟତା ଯୋଗାଇ ଦିଆଯାଇଥାଏ ଏବଂ ଆଧୁନିକ ଦପ୍ତର ଓ ବ୍ୟାଙ୍କ ସୁବିଧା, ଉପଭୋକ୍ତାମାନଙ୍କ ପାଇଁ ଦୋକାନ ନିର୍ମାଣ, ଆଧୁନିକ ଭଣ୍ଡାର ଘର ଓ ଗୋଦାମ ନିର୍ମାଣ, ମୂଲ୍ୟଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ସୁବିଧା, କୃଷି ଓ ଉଦ୍ୟାନ କୃଷି ଉତ୍ପାଦନର ବିପଣନ ନିମନ୍ତେ ଗ୍ରାମୀଣ ସମବାୟ ସମିତିର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଥାଏ ।

୩୧. ଚାଷୀମାନଙ୍କୁ ୧% ସୁଧ ହାରରେ ଫସଲ ଋଣ ଯୋଗାଇ ଦେବା ନିମନ୍ତେ ମୋ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପ୍ରାଥମିକ କୃଷି ସମବାୟ ସମିତିମାନଙ୍କରେ ସ୍ୱଚ୍ଛତା ବୃଦ୍ଧି ସକାଶେ ସମ୍ମିଳିତ ହିସାବ ବ୍ୟବସ୍ଥା ପ୍ରଚଳିତ ହୋଇଛି ଏବଂ ୨,୬୦୦ଟି ପ୍ରାଥମିକ କୃଷି ସମବାୟ ସମିତିରେ କମ୍ପ୍ୟୁଟରୀକରଣ ଶେଷ ହୋଇଛି । ଫସଲ ବୀମା ରାଶି ଚାଷୀମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଉଛି । କିଷାନ୍ କ୍ରେଡ଼ିଟ୍ କାର୍ଡ଼ ବଦଳରେ 'ରୁପେ ଡ଼େବିଟ୍ କାର୍ଡ଼' ପ୍ରଚଳନ ହେବାକୁ ଯାଉଛି ଏବଂ ୨୦୧୭ ମଧ୍ୟଭାଗ ସୁଦ୍ଧା ୧୧.୪୬ ଲକ୍ଷ 'ରୁପେ କାର୍ଡ଼' ଚାଷୀମାନଙ୍କୁ ଯୋଗାଇ ଦିଆଯିବ । ଚାଷୀମାନଙ୍କୁ ଶସ୍ୟ ଅମଳ ସୁବିଧା ଓ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ ଉଦ୍ଦେଶ୍ୟରେ ୭୩୭ଟି ଖଳା ନିର୍ମାଣ କରାଯାଇଛି ।

୩୨. ରାଜ୍ୟର କୃଷକମାନଙ୍କ ଅର୍ଥନୈତିକ ଅବସ୍ଥାର ଉନ୍ନତି ନିମନ୍ତେ କୃଷି ବିପଣନ ବ୍ୟବସ୍ଥା ଏକ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥାଏ । ଯୋଗାଯୋଗ ଓ ସୂଚନା ପ୍ରଯୁକ୍ତିର ଦ୍ରୁତ ବିକାଶ ଯୋଗୁଁ ବିପଣନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଛି । କୃଷି ଉତ୍ପାଦନର ଇ-ଅକ୍ସନ୍ ଓ ଇ-ମାର୍କେଟିଂ ଯୋଗୁଁ ସାରା ଦେଶରେ ବୃହତ୍ ବଜାରଗୁଡ଼ିକରେ ଉତ୍ପାଦକମାନଙ୍କର ଅବାଧ ପ୍ରବେଶ ଏକ ନିୟମିତ ଘଟଣାରେ ପରିଣତ ହୋଇଛି । ରାଜ୍ୟର ନିୟନ୍ତ୍ରିତ ବଜାର କମିଟିଗୁଡ଼ିକ ମାଧ୍ୟମରେ କେତେକ ନିରୂପିତ ବଜାରରେ ୧୦ଟି ଇ-ପ୍ଲାଟଫର୍ମ ପ୍ରଚଳନ ନିମନ୍ତେ ପ୍ରସ୍ତାବ ରହିଛି ।

୩୩. ଫସଲ ମୂଲ୍ୟ ସମ୍ବନ୍ଧୀୟ ତତ୍କାଳ ବଜାର ସୂଚନା ଏବଂ ଉତ୍ପାଦର ସଠିକ୍ ମୂଲ୍ୟ ଜାଣିବା ନିମନ୍ତେ କୃଷକମାନଙ୍କୁ ୫୯,୦୦୦ଟି ମୋବାଇଲ ବଣ୍ଟନ କରାଯାଇଛି । ବୈଜ୍ଞାନିକ ପ୍ରଣାଳୀରେ ଶସ୍ୟ ସଂରକ୍ଷଣ ସୁବିଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨.୧୧ ଲକ୍ଷ ମେଟ୍ରିକଟନ୍ କ୍ଷମତା ବିଶିଷ୍ଟ ୧୮୦ଟି ଗୋଦାମ ଗୃହ ନିର୍ମାଣ କରାଯାଇଛି ଏବଂ ୨୦୧୭ ଶେଷ ସୁଦ୍ଧା ଅବଶିଷ୍ଟ ୨୯୨ଟି ଗୋଦାମ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବ ।

୩୪. ନିରନ୍ତର ଜଳସେଚନ ଏବଂ ଜଳସେଚନ ବ୍ୟବସ୍ଥାର ସୁପରିଚାଳନା ନିମନ୍ତେ ମୋ ସରକାର ବିଶେଷ ଧ୍ୟାନ ଦେଉଛନ୍ତି । ରାଜ୍ୟରେ ଜଳସେଚନକୁ ପ୍ରୋତ୍ସାହନ ଦେବା ନିମନ୍ତେ ବଜେଟ୍ ବ୍ୟବସ୍ଥା ୭,୨୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ବିଗତ ଦୁଇ ବର୍ଷରେ ସବୁ ରକମର ଉତ୍ସରୁ ୨.୯୪ ଲକ୍ଷ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସାମର୍ଥ୍ୟ ସୃଷ୍ଟି କରାଯାଇଅଛି ।

୨୦୧୯ ସୁଦ୍ଧା ୧୦ ଲକ୍ଷ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ୨୦୧୭-୧୮ ବର୍ଷରେ ୨.୯୫୪ ଲକ୍ଷ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବ୍ୟବସ୍ଥା ସୃଷ୍ଟି କରିବା ନିମନ୍ତେ ଯୋଜନା କରାଯାଇଛି ।

୩୫. ୨୦୧୭-୧୮ ମସିହାରେ ୫୪ଟି ପାର୍ବତୀ ଗିରି ମେଗା ଉଠା ଜଳସେଚନ ପ୍ରକଳ୍ପ, ୧୭,୦୦୦ ଗଭୀର ନଳକୂପ, ୩,୦୦୦ ଅଗଭୀର ନଳକୂପ, ୭,୦୯୯ ଗୋଟି କ୍ଷୁଦ୍ର ନଦୀ ଉଠାଜଳସେଚନ, ୨,୫୧୨ ଉଠାଜଳସେଚନ ପ୍ରକଳ୍ପ ଏବଂ ୪,୩୪୦ ଆଡ଼ିବନ୍ଧ ନିର୍ମାଣ ଲକ୍ଷ୍ୟ ରହିଛି । ମୋ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ, ବୃହତ ଉଠା ଜଳସେଚନ ଯୋଜନାକୁ ପଶ୍ଚିମ ଓଡ଼ିଶାର ଖ୍ୟାତନାମା ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସେବୀ ପାର୍ବତୀ ଗିରିଙ୍କ ନାମରେ ନାମିତ କରାଯାଇ 'ପାର୍ବତୀ ଗିରି ବୃହତ ଉଠା ଜଳସେଚନ ଯୋଜନା' ରଖାଯାଇଛି ।

୩୬. ଓଡିଶାର ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ସର୍ବଦା ଗୁଣାତ୍ମକ ଏବଂ ନିରବଛିନ୍ନ ବିଦ୍ୟୁତ୍ ଯୋଗାଇଦେବାକୁ ମୋ ସରକାର ଅବିରତ ଉଦ୍ୟମ କରିଆସୁଛନ୍ତି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ମୋ ସରକାର ରାଜ୍ୟରେ ବିଦ୍ୟୁତ ଉତ୍ପାଦନ ବୃଦ୍ଧି, ଟ୍ରାନ୍ସ୍‌ମିସନ୍ ସାମର୍ଥ୍ୟ ଏବଂ ବିତରଣ ଭିତ୍ତିଭୂମି ବିକାଶ ପାଇଁ ଏକ ସୁବିସ୍ତୃତ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ବିଦ୍ୟୁତ୍ ଯୋଗାଣ ହୋଇନଥିବା ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଇ ଦେବା ନିମନ୍ତେ ଏ ବର୍ଷ ବିଶେଷ ଧ୍ୟାନ ଦିଆଯାଉଛି ।

୩୭. ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ସଂଚାରଣ କ୍ଷତି ହ୍ରାସ କରିବା ସହିତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଇଦେବା ଲକ୍ଷ୍ୟରେ ସବ୍‌ଟ୍ରାନ୍ସ୍‌ମିସନ୍ ଡିଷ୍ଟ୍ରିବୁସନ୍ ନେଟ୍‌ୱର୍କ, ଡିଷ୍ଟ୍ରିବୁସନ୍ ଟ୍ରାନ୍ସ୍‌ଫର୍ମର୍/ଫିଡର୍‌ମାନଙ୍କରେ ମିଟରିଙ୍ଗ୍ ବ୍ୟବସ୍ଥା/ ସହରାଂଚଳ ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁବିଧା ସମେତ ପ୍ରଯୁକ୍ତି ସାମର୍ଥ୍ୟର ସଠିକ ଉପଯୋଗ କରିବା ଉଦ୍ଦେଶ୍ୟରେ ରାଜ୍ୟରେ ସମନ୍ୱିତ ଶକ୍ତି ବିକାଶ (ଆଇପିଡିଏସ୍) ଯୋଜନା କାର୍ଯ୍ୟକାରୀ କରାଯାଉଛି । ଓଡିଶା ଶକ୍ତି ଉତ୍ପାଦନ ନିଗମ ୧୧,୫୪୭ କୋଟି ଟଙ୍କା ବ୍ୟୟ ଅଟକଳରେ ୨ x ୬୬୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଇବ୍ ଥର୍ମାଲ୍ ପାୱାର୍ ଷ୍ଟେସନ୍‌ର ୟୁନିଟ୍-୩ ଏବଂ ୪ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସଂଗେ ସଂଗେ କ୍ୟାପ୍‌ଟିଭ୍ କୋଇଲା ଖଣିଗୁଡ଼ିକର ବିକାଶ ନିମନ୍ତେ କାର୍ଯ୍ୟ ଆରମ୍ଭ କରିଛି । ଉପଲବ୍ଧ ଜଳ ବିଦ୍ୟୁତ୍ ସାମର୍ଥ୍ୟ ବୃଦ୍ଧିକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଓଡିଶା ଜଳ ବିଦ୍ୟୁତ୍ ନିଗମ ଦ୍ୱାରା ହୀରାକୁଦ, ଚିପିଲିମା ଏବଂ ବାଲିମେଳାଠାରେ ଥିବା ଜଳବିଦ୍ୟୁତ୍ କେନ୍ଦ୍ରଗୁଡ଼ିକର ବ୍ୟାପକ ପୁନରୁଦ୍ଧାର, ନବୀକରଣ ଏବଂ ଉନ୍ନତିସାଧନ କାର୍ଯ୍ୟ ହାତକୁ ନିଆଯାଇଛି ।

୩୮. ସବୁଜ ଶକ୍ତି ବିକାଶର ସୁଦୃଢ଼ୀକରଣ ନିମନ୍ତେ ମୋ ସରକାର ଅତ୍ୟନ୍ତ ଆଗ୍ରହୀ । ଏହାର ବାସ୍ତବ ରୂପାୟନ ନିମନ୍ତେ ୨୦୧୬-୧୭ ବର୍ଷରେ ଏକ କାର୍ଯ୍ୟଦକ୍ଷ ଅଣପାରମ୍ପରିକ ଶକ୍ତି ନୀତି ପ୍ରଣୟନ କରାଯାଇଛି । ମନମୁଣ୍ଡାଠାରେ ୨୦ ମେଗାୱାଟ୍ ବିଶିଷ୍ଟ ଏକ ସୌରଶକ୍ତି ପ୍ରକଳ୍ପ ସଫଳତାର ସହ ସ୍ଥାପନ କରାଯାଇଛି ଏବଂ ଜିଇଡ଼ିକୋଲ୍ ଦ୍ୱାରା ଉପଯୁକ୍ତ ସ୍ଥାନରେ ୧୦୦୦ ମେଗାୱାଟ୍ ବିଶିଷ୍ଟ ସୌରଶକ୍ତି ପ୍ରକଳ୍ପ ସ୍ଥାପନ ନିମନ୍ତେ ପ୍ରସ୍ତାବ ରହିଛି ।

୩୯. ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଠାରୁ ବିଦ୍ୟୁତ୍ ଲୋଡ୍ କେନ୍ଦ୍ର ପର୍ଯ୍ୟନ୍ତ ନିରବଛିନ୍ନ ବିଦ୍ୟୁତ୍ ସରବରାହ ଲକ୍ଷ୍ୟରେ ଓଡିଶା ବିଦ୍ୟୁତ୍ ସଂଚାର ନିଗମ ଲିମିଟେଡ୍, ଟ୍ରାନ୍ସ୍‌ମିସନ୍ ଲାଇନ୍ ଏବଂ ଗ୍ରୀଡ୍ ସବ୍-ଷ୍ଟେସନ୍‌ଗୁଡିକର ସଂଖ୍ୟା ବୃଦ୍ଧି, ଉନ୍ନୀତକରଣ ଏବଂ ଆଧୁନିକୀକରଣ କାର୍ଯ୍ୟ ହାତକୁ ନେଇଛି । ଏହା ବିଦ୍ୟୁତ୍ ସଂଚାରଣ ସମସ୍ୟା ନିରାକରଣରେ ଏକ ଯୁଗାନ୍ତକାରୀ ପଦକ୍ଷେପ । ସଂଚାରଣ କ୍ଷତି ୩.୮୮ ପ୍ରତିଶତରୁ ୩.୬୭ ପ୍ରତିଶତ ହ୍ରାସ ସହ ୯୯.୯୫ ପ୍ରତିଶତ ସଂଚାରଣ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି, ଯାହା ବିଦ୍ୟୁତ ସଂଚାରଣ କ୍ଷେତ୍ରରେ ଏକ ବିରଳ ରେକର୍ଡ ।

୪୦. ମୋ ସରକାର ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କୁ ବିଭିନ୍ନ ପ୍ରକାର ସଫଳ ଆତ୍ମନିଯୁକ୍ତି ଯୋଗାଇଦେଇ ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି । ଗ୍ରାମାଞ୍ଚଳର ଗରିବ ପରିବାରଙ୍କ ପାଇଁ ସବୁଦିନିଆ ଜୀବିକା ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ମୋ ସରକାର ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମମାନ ଉତ୍ସର୍ଗୀକୃତ ଭାବରେ ଚାଲୁରଖିଛନ୍ତି ।

୪୧. ୨୦୧୯ ବର୍ଷ ଶେଷସୁଦ୍ଧା ମୋ ସରକାର ରାଜ୍ୟର ଗ୍ରାମାଞ୍ଚଳରେ ଥିବା ସମସ୍ତ କଚ୍ଚାଘରକୁ ପକ୍କାଘରରେ ପରିଣତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ମୋ ସରକାରଙ୍କର ଆନ୍ତରିକ ଏବଂ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁଁ ବିଗତ ୨ ବର୍ଷ ମଧ୍ୟରେ ୧୦ ଲକ୍ଷ ପକ୍କାଘର ନିର୍ମାଣ ସମ୍ଭବ ହୋଇପାରିଛି ।

୪୨. ମୁଁ ଜାଣି ଆନନ୍ଦିତ ଯେ, ରାଜ୍ୟରେ ତୃଣମୂଳସ୍ତରରେ ପ୍ରଶାସନିକ ଦକ୍ଷତା ବୃଦ୍ଧି କରିବା ପାଇଁ ୫୦୦ରୁ ଅଧିକ ନୂତନ ଗ୍ରାମ ପଞ୍ଚାୟତ ଗଠନ କରାଯାଇଛି । ପ୍ରତି ଗ୍ରାମପଞ୍ଚାୟତରେ ସପ୍ତାହକୁ ଦୁଇଥର 'ମଧୁବାବୁ ଆଇନ୍ ସହାୟତା ଶିବିର' ଆୟୋଜନ କରି ମୋ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କୁ ମାଗଣା ଆଇନ ସହାୟତା ଯୋଗାଇ ଦେଉଛନ୍ତି ।

୪୩. ସାଧାରଣ ଭାବରେ ରାଜ୍ୟରେ ଶିଶୁ ଲିଙ୍ଗଗତ ଅନୁପାତର ହ୍ରାସ ରୋକିବା ଏବଂ ନିର୍ଦ୍ଦିଷ୍ଟ ଭାବେ ଶିଶୁ ଲିଙ୍ଗଗତ ହାର ହ୍ରାସ ପାଉଥିବା ଅନୁଗୋଳ, ଢ଼େଙ୍କାନାଳ, ଗଞ୍ଜାମ ଜିଲ୍ଲାରେ ନୂତନ ଭାବେ ୩ ବର୍ଷ ପାଇଁ 'ବିଜୁ କନ୍ୟାରତ୍ନ ଯୋଜନା' କାର୍ଯ୍ୟକାରୀ ହେଉଛି ।

୪୪. ରାଜ୍ୟରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଜନ୍ମିତ/ପାଳିତ ପିତାମାତା ନଥିବା ଓ ଏଚ୍ଆଇଭି ଦ୍ୱାରା ପ୍ରଭାବିତ/ସଂକ୍ରମିତ ତଥା ଅତ୍ୟନ୍ତ ଅବହେଳିତ ଶିଶୁମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ଲକ୍ଷ୍ୟରେ 'ବିଜୁ ଶିଶୁ ସୁରକ୍ଷା ଯୋଜନା' ନାମରେ ଏକ ନୂତନ ଯୋଜନାର ଶୁଭାରମ୍ଭ କରାଯାଇଛି ।

୪୫. ରାଜ୍ୟରେ ପୁଷ୍ଟିହୀନତାର ମୁକାବିଲା ନିମନ୍ତେ ଅଜିମ୍ ପ୍ରେମଜୀଙ୍କର ଜନହିତୈଷୀ ଅଭିଯାନ ସହଯୋଗରେ ଓଡ଼ିଶା ବହୁକ୍ଷେତ୍ରୀୟ ପୁଷ୍ଟିସାଧନ କାର୍ଯ୍ୟାନ୍ୱୟନ ଯୋଜନାର (ଓ.ଏନ୍.ଏ.ପି.) ଶୁଭାରମ୍ଭ ହୋଇଛି । ଅନୁପୁରକ ପୁଷ୍ଟି କାର୍ଯ୍ୟକ୍ରମ ଅଧୀନରେ ବର୍ଷକୁ ୩୦୦ ଦିନ ପାଇଁ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ଜରିଆରେ ୬ ମାସରୁ ୬ ବର୍ଷ ବୟସର ୪୩ ଲକ୍ଷରୁ ଅଧିକ ଶିଶୁ, ଗର୍ଭବତୀ ଓ ପ୍ରସୂତୀ ମା'ମାନଙ୍କୁ ଅନୁପୁରକ ଖାଦ୍ୟ ଯୋଗାଇ ଦିଆଯାଉଛି । ୨୫ ଲକ୍ଷରୁ ଅଧିକ ମହିଳାଙ୍କୁ ମମତା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେମାନଙ୍କ ବ୍ୟାଙ୍କ୍ ଖାତାରେ ସିଧାସଳଖ ପ୍ରାୟ ୧୧ଶହ କୋଟି ଟଙ୍କା ଜମା କରାଯାଇଛି ।

୪୬. ମୁଁ ଆପଣମାନଙ୍କୁ ଖୁସିର ସହ ଅବଗତ କରାଇବାକୁ ଚାହେଁ ଯେ ରାଜ୍ୟରେ ଦୀର୍ଘଦିନ ଧରି ଉଦ୍‌ବେଗର କାରଣ ହୋଇ ରହିଥିବା ଶିଶୁ ମୃତ୍ୟୁହାର ଏନଏଫ୍ଏଚଏସ୍ ଅନୁଯାୟୀ ୨୦୦୫-୦୬ରେ ୬୫ ଥିବାବେଳେ ୨୦୧୫-୧୬ରେ ଏହା ଉଲ୍ଲେଖନୀୟ ଭାବେ ୪୦କୁ ହ୍ରାସ ପାଇଛି ।

୪୭. ମୁଁ ଆନନ୍ଦର ସହିତ ଉଲ୍ଲେଖ କରିବାକୁ ଚାହେଁ ଯେ, ମୋ ସରକାର ପ୍ରତିଷ୍ଠା କରୁଥିବା ୭ଟି ନୂଆ ସରକାରୀ ମେଡ଼ିକାଲ କଲେଜ ମଧ୍ୟରୁ କୋରାପୁଟ ଓ ବାରିପଦାରେ ପ୍ରତିଷ୍ଠିତ ନୂତନ ସରକାରୀ ମେଡିକାଲ କଲେଜ ୨୦୧୭-୧୮ରୁ ସେମାନଙ୍କ ଶିକ୍ଷାବର୍ଷ ଆରମ୍ଭ କରିବେ । ବଲାଙ୍ଗୀର, ବାଲେଶ୍ୱର ଓ ପୁରୀଠାରେ ପ୍ରତିଷ୍ଠା କରାଯାଉଥିବା ମେଡିକାଲ କଲେଜଗୁଡିକ ୨୦୧୮-୧୯ରୁ ସେମାନଙ୍କ ଶିକ୍ଷାବର୍ଷ ଆରମ୍ଭ କରିବା ଆଶା କରାଯାଉଛି ।

୪୮. ମୋ ସରକାର 'ନିରାମୟ' ଯୋଜନାରେ ରୋଗୀମାନଙ୍କୁ ବିନାମୂଲ୍ୟରେ ଔଷଧ ଯୋଗାଇ ଦେଉଛନ୍ତି । ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସମ୍ପ୍ରସାରିତ କରିବା ନିମନ୍ତେ 'ସ୍ୱାସ୍ଥ୍ୟ ସୁରକ୍ଷା ପୁଞ୍ଜି ନିବେଶ ପ୍ରୋତ୍ସାହନ ନୀତି' କାର୍ଯ୍ୟକାରୀ ହୋଇଛି । ପ୍ରୋତ୍ସାହନକାରୀମାନଙ୍କ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ମିତ ବ୍ୟୟୀ ଡ଼ାକ୍ତରଖାନା ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ହୃଦ୍‌ରୋଗ ଚିକିତ୍ସା ନିମନ୍ତେ ଝାରସୁଗୁଡ଼ାଠାରେ ସରକାରୀ ଓ ଘରୋଇ ସହଭାଗିତାରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଡ଼ାକ୍ତରଖାନା ପ୍ରତିଷ୍ଠା ପାଇଁ କେଆର ହସ୍‌ପିଟାଲ ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

୪୯. ମୋ ରାଜ୍ୟରେ ପୋଲିଓର ସମ୍ପୂର୍ଣ୍ଣ ନିରାକରଣ ହୋଇଛି ଓ ନବଜାତ ଶିଶୁଙ୍କ ମଧ୍ୟରେ ଧନୁଷ୍ଟଙ୍କାର ରୋଗର ବିଲୋପ ଘଟିଛି । ଶିଶୁମାନଙ୍କଠାରେ ମାରାତ୍ମକ ରୋଗଗୁଡିକର ନିରାକରଣ ପାଇଁ ରାଜ୍ୟ ନିକଟ ଅତୀତରେ ପେଣ୍ଟାଭାଲେଣ୍ଟ,

ରୋଟା, ଇନ୍‌ଆକ୍ଟିଭେଟେଡ୍ ପୋଲିଓ ଓ ଜାପାନୀ ଏନ୍‌ସେଫାଲାଇଟିସ୍ ପାଇଁ ୪ଟି ନୂତନ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ କରିଛି । ଏତଦ୍‌ବ୍ୟତୀତ ମୋ ସରକାର ଦୁର୍ଗମ ଅଞ୍ଚଳରେ ଡାକ୍ତର ନିଯୁକ୍ତି କରିବା ଉଦ୍ଦେଶ୍ୟରେ ସ୍ଥାନଭିତ୍ତିକ ପ୍ରୋତ୍ସାହନ ଯୋଗାଇଦେବା ପରି ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି, ଯଦ୍ଦ୍ୱାରା ସୁଦୂର ଓ ଅପହଞ୍ଚ ଇଲାକାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଡାକ୍ତରମାନଙ୍କ ଉପସ୍ଥିତି ବୃଦ୍ଧି ପାଇଛି ।

୫୦. ମୋ ସରକାର ଓଡ଼ିଶା ମେଡିକାଲ ଓ ସ୍ୱାସ୍ଥ୍ୟସେବା କ୍ୟାଡର ପୁନର୍ଗଠନପୂର୍ବକ ବର୍ତ୍ତମାନ ମଞ୍ଜୁରୀପ୍ରାପ୍ତ ୫,୩୮୯ ପଦବୀକୁ ୬,୭୧୯କୁ ବୃଦ୍ଧି କରି ଏହି କ୍ୟାଡରରେ ୧,୩୩୦ ଅତିରିକ୍ତ ଡାକ୍ତର ପଦବୀ ସୃଷ୍ଟି କରିଛନ୍ତି । ମୋ ସରକାର ରାଜ୍ୟର ଜନସାଧାରଣଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ଜିଲ୍ଲା ସଦର ମହକୁମା ଡାକ୍ତରଖାନାରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଅଧିକ ୫,୧୨୦ ସ୍ୱାସ୍ଥ୍ୟ ସହାୟକ ପଦବୀ ସୃଷ୍ଟି କରିଛନ୍ତି ।

୫୧. ପୁନଶ୍ଚ, ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକର ନିୟନ୍ତ୍ରଣ ନିୟାମକ ସମୂହକୁ ପ୍ରଭାବୀ କରିବା ପାଇଁ ଓଡ଼ିଶା ସ୍ୱାସ୍ଥ୍ୟ ପ୍ରତିଷ୍ଠାନ (ନିୟନ୍ତ୍ରଣ ଓ ପରିଚାଳନା) ସଂଶୋଧନ ଅଧିନିୟମ-୨୦୧୬ କାର୍ଯ୍ୟକାରୀ ହୋଇଛି ଏବଂ ଯଥାଶୀଘ୍ର ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୧୬ କାର୍ଯ୍ୟକାରୀ ହେବାକୁ ଯାଉଛି ।

୫୨. ମୋ ସରକାର ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ବ୍ୟବସ୍ଥିତ କରିବା ନିମନ୍ତେ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିଛନ୍ତି । ଭୂଲେଖ ତଥ୍ୟ ସହ ସମନ୍ୱିତ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ଦ୍ୱାରା ସରକାରଙ୍କୁ ଧାନ ବିକ୍ରୟ କରୁଥିବା କୃଷକମାନଙ୍କର ଏକ ନିର୍ଭରଶୀଳ ଡାଟାବେସ୍ ତିଆରି କରାଯାଇଛି । ପ୍ରଥମ ଥର ପାଇଁ ଭୁବନେଶ୍ୱରସ୍ଥିତ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ କେନ୍ଦ୍ରୀୟ ଆକାଉଣ୍ଟରୁ ସାରା ରାଜ୍ୟର କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅନ୍‌ଲାଇନ୍‌ରେ ସର୍ବନିମ୍ନ ସହାୟକ ମୂଲ୍ୟ ସିଧାସଳଖ ହସ୍ତାନ୍ତର କରାଯାଉଛି ।

୫୩. ୨୦୧୫ ମସିହା ନଭେମ୍ବର ମାସରୁ ରାଜ୍ୟରେ ଜାତୀୟ ଖାଦ୍ୟ ନିରାପତ୍ତା ଅଧିନିୟମ, ୨୦୧୩ କାର୍ଯ୍ୟକାରୀ କରାଯାଇଛି । ଅଗ୍ରାଧିକାର ଭିତ୍ତିରେ ଚିହ୍ନଟ କରାଯାଇଥିବା ପରିବାର (ପିଏଚ୍‌ଏଚ୍) ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନା ବର୍ଗ ଅଧୀନରେ ୮୬ ଲକ୍ଷରୁ ଅଧିକ ପରିବାରର ୩୨୩ ଲକ୍ଷ ବ୍ୟକ୍ତିଙ୍କୁ ଖାଦ୍ୟ ନିରାପତ୍ତା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ସମାଜର ଅତ୍ୟନ୍ତ ଦୁର୍ବଳ ବର୍ଗ ନିମନ୍ତେ ମୁଣ୍ଡ ପିଛା ମାସକୁ ୫ କିଲୋ ହିସାବରେ ରିହାତି ମୂଲ୍ୟରେ ଚାଉଳ ଅବା ଗହମ କିମ୍ବା ଉଭୟ ଚାଉଳ ଓ ଗହମ ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନା ଅନ୍ତର୍ଭୁକ୍ତ ପରିବାରଙ୍କୁ କିଲୋ ପ୍ରତି ଏକ ଟଙ୍କା ଦରରେ ମାସିକ ୩୫ କିଲୋ ଚାଉଳ ଯୋଗାଇଦିଆଯାଉଛି । ମୋ ସରକାର ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସଂପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିବା ଲକ୍ଷ୍ୟରେ ୨୦୧୭ ମସିହା ମାର୍ଚ୍ଚ ଶେଷ ସୁଦ୍ଧା ଇ-ପଏଣ୍ଟ୍ ଅଫ୍ ସେଲ୍ ଡିଭାଇସ୍ ସଂସ୍ଥାପନ ସହ ରାଜ୍ୟରେ ପ୍ରାୟ ୧୪,୩୦୦ଟି ସୁଲଭ ମୂଲ୍ୟ ଦୋକାନ ଖୋଲିବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି ।

୫୪. ମୋ ସରକାର ସାମାଜିକ ସୁରକ୍ଷା ଉପରେ ସମୁଚିତ ଦୃଷ୍ଟି ଦେବା ପାଇଁ ନୂତନ 'ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ' ବିଭାଗ ସୃଷ୍ଟି କରିଛି । ସଂପ୍ରତି ୪୩ ଲକ୍ଷ ୨୩ ହଜାର ହିତାଧିକାରୀଙ୍କୁ ପ୍ରତ୍ୟେକ ମାସରେ ଭତ୍ତା ପ୍ରଦାନ କରାଯାଉଛି ଏବଂ ଚଳିତ ବର୍ଷ ମୋ ସରକାର ୩୦ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ମହିଳାଙ୍କୁ ଏହି ପେନ୍‌ସନ୍ ଯୋଜନାରେ ସାମିଲ୍ କରିଛନ୍ତି । ୨୦୧୬-୧୭ ବର୍ଷରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ୩ ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କୁ ସାମିଲ୍ କରାଯାଇ ନିୟମିତ ପେନ୍‌ସନ୍ ପ୍ରଦାନ କରାଯାଉଛି ।

୫୫. ମୋ ସରକାର ୨୦୧୬-୧୭ ବର୍ଷରେ ବାଣୀଶ୍ରୀ ଯୋଜନାରେ ୪୧ ହଜାର ୭୨୯ ଜଣ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ବୃତ୍ତି ପ୍ରଦାନ କରିଛନ୍ତି । ଭିନ୍ନକ୍ଷମ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ନିମନ୍ତେ ଜଟଣୀଠାରେ ଏକ ସ୍ୱତନ୍ତ୍ର ଆଇଟିଆଇ ସ୍ଥାପନ

କରାଯାଇଛି । ଭୁବନେଶ୍ୱରସ୍ଥିତ ଭିନ୍ନକ୍ଷମ ଧନ୍ଦାମୂଳକ ଥଇଥାନ କେନ୍ଦ୍ରର ମିଳିତ ସହଯୋଗରେ ଭିନ୍ନକ୍ଷମଙ୍କ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ୨୦୧୬-୧୭ ବର୍ଷରେ ୧୭୬୮ ଜଣ ବ୍ୟକ୍ତିଙ୍କ ଜୀବିକା ନିର୍ବାହ ଏବଂ ଆତ୍ମନିଯୁକ୍ତି ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଡି.ଆଇ.ଆର. ଋଣ ସମେତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି ।

୫୬. ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଦରଖାସ୍ତ ଓ ପ୍ରମାଣପତ୍ର ପ୍ରଦାନ ଅନ୍‌ଲାଇନ୍ ମାଧ୍ୟମରେ କରାଯାଉଛି ଏବଂ ଇତିମଧ୍ୟରେ ୭ ଲକ୍ଷ ୬୧ ହଜାର ଭିନ୍ନକ୍ଷମଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ବିଗତ ବର୍ଷ ସ୍ନାତକ ଶ୍ରେଣୀରେ ଅଧ୍ୟୟନରତ ୨୧୯ ଜଣ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରାଯାଇଛି । ମୋ ସରକାରଙ୍କ ଦ୍ୱାରା ଓଡ଼ିଶା ରାଜ୍ୟ ବରିଷ୍ଠ ନାଗରିକ ନୀତି - ୨୦୧୬ ପ୍ରଣୟନ କରାଯାଇଛି । ମୋ ସରକାର ତୃତୀୟ ଲିଙ୍ଗୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ଗୁରୁତ୍ୱ ଦେଇ ସେମାନଙ୍କ ନିମନ୍ତେ ବିଭିନ୍ନ ଯୋଜନାରେ ସୁବିଧା ଯୋଗାଇ ଦେଉଛନ୍ତି ।

୫୭. ମୋ ସରକାର ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତିକୁଶଳୀ ବର୍ଗର ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ଭାର ସଂଶୋଧନ କରିଛନ୍ତି । ସେହିପରି ୧୫ଟି ନିର୍ଦ୍ଧାରିତ ନିୟୋଜନ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ ହାରକୁ ସଂଶୋଧନ କରାଯାଇଛି ଓ ଏହା ଓଡ଼ିଶା ରାଜପତ୍ରରେ ବିଜ୍ଞାପିତ ହୋଇଛି ।

୫୮. ଶିଶୁ ଶ୍ରମିକ ସମସ୍ୟାକୁ ପ୍ରତିହତ କରିବା ନିମନ୍ତେ ମୋ ସରକାର ଓଡ଼ିଶାରେ 'ରାଜ୍ୟ କାର୍ଯ୍ୟ ଯୋଜନା' (ଏସ୍‌ଏପି)କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରୁଛନ୍ତି । ମୋ ସରକାର ଆନ୍ତଃରାଜ୍ୟ ଦାଦନ ଶ୍ରମିକଙ୍କ ନିରାପତ୍ତା ଓ କଲ୍ୟାଣାର୍ଥେ 'ରାଜ୍ୟ କାର୍ଯ୍ୟ ଯୋଜନା' ଅନୁମୋଦନ କରିଛନ୍ତି ଏବଂ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିହିତ ପଦକ୍ଷେପ ନେଉଛନ୍ତି । ଦାଦନ ସମସ୍ୟା ସମ୍ପର୍କିତ ସୂଚନା ଏବଂ ସହଯୋଗ ନିମନ୍ତେ ଶ୍ରମ ନିର୍ଦ୍ଦେଶାଳୟରେ ଏକ ଶ୍ରମିକ ସହାୟତା ହେଲ୍ପଲାଇନ ପ୍ରତିଷ୍ଠା କରାଯାଇଛି ।

୫୯. ବଲାଙ୍ଗୀର, ବରଗଡ, କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଦାଦନ ସମସ୍ୟା ପ୍ରବଣ ବ୍ଲକ୍‌ଗୁଡ଼ିକରେ ଦାଦନ ଶ୍ରମିକ ପରିବାରର ପିଲାମାନଙ୍କ ନିମନ୍ତେ ସାମୟିକ ଛାତ୍ରାବାସ ନିର୍ମାଣ କରାଯାଇଛି । ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ଓଡ଼ିଆ ପ୍ରବାସୀ ନିର୍ମାଣ ଶ୍ରମିକଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ମୋ ସରକାର ନିର୍ଦ୍ଦେଶନାମା' ଜାରି କରିଛନ୍ତି । ୫ଟି ରାଜ୍ୟ ଯଥା ଦିଲ୍ଲୀ, ତାମିଲନାଡୁ, କର୍ଣ୍ଣାଟକ, ତେଲେଙ୍ଗାନା ଓ ଆନ୍ଧ୍ର ପ୍ରଦେଶରେ ଓଡ଼ିଶା ପ୍ରବାସୀ ଶ୍ରମିକ ସହାୟତା ଡେସ୍କ ପ୍ରତିଷ୍ଠା କରାଯାଇଛି ।

୬୦. ନିର୍ମାଣ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ମୋ ସରକାର ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ଗୃହ ନିର୍ମାଣ ସହାୟତା ଓ 'ନିର୍ମାଣ ଶ୍ରମିକ ପେନ୍‌ସନ୍ ଯୋଜନା' ଜରିଆରେ ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ଓ ବିଧବାମାନଙ୍କୁ ସାମାଜିକ ସୁରକ୍ଷା ସହାୟତା ପ୍ରଦାନ କରୁଛନ୍ତି ।

୬୧. ରାଜ୍ୟ ବାହାରୁ ଆସୁଥିବା ନିର୍ମାଣ ଶ୍ରମିକଙ୍କୁ ସ୍ୱଳ୍ପ ଦେୟ ବିନିମୟରେ ମୌଳିକ ସୁବିଧା ସୁଯୋଗ ସହ ଅସ୍ଥାୟୀ ରହଣି ବ୍ୟବସ୍ଥା ଯୋଗାଇଦେବା ଉଦ୍ଦେଶ୍ୟରେ ବୋର୍ଡ ପକ୍ଷରୁ 'ସହରାଞ୍ଚଳରେ ଭଡା ସୂତ୍ରରେ ବାସଗୃହ କଂପ୍ଲେକ୍ସ ନିର୍ମାଣ' ନାମକ ଏକ ନୂତନ ପ୍ରକଳ୍ପ ଆରମ୍ଭ ହେବାକୁ ଯାଉଛି । ଏହି ଯୋଜନାର କାର୍ଯ୍ୟାନ୍ୱୟନ ନିମନ୍ତେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ୪୦ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦିଆଯାଇଛି ।

୬୨. ମୋ ସରକାର ରାଜ୍ୟରେ ସନ୍ତୁଳିତ, ସଂଗତ ତଥା ସାମଗ୍ରିକ ସହରୀକରଣର ଲକ୍ଷ୍ୟ ହାସଲ ନିମନ୍ତେ ଅନେକଗୁଡିଏ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରିଛନ୍ତି । ସହରକୁ ବାସପୋଯୋଗୀ ଏବଂ ପ୍ରତିପୋଷଣ ସୁବିଧା ଯୋଗାଇଦେବା ଲକ୍ଷ୍ୟରେ

ସହରାଞ୍ଚଳ ଭିତ୍ତିଭୂମିଗୁଡିକର ବିକାଶ ଏବଂ ଉନ୍ନୀତକରଣ ଯଥା ରାସ୍ତାଘାଟ ନିର୍ମାଣ, ଜଳ ନିଷ୍କାସନ ବ୍ୟବସ୍ଥା, ବସ୍ ଟର୍ମିନାଲ, ଜଳାଶୟ, ଉଦ୍ୟାନ, ରାସ୍ତା ଆଲୋକୀକରଣ ଇତ୍ୟାଦି କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ରାଜ୍ୟର ସମସ୍ତ ପୌରାଞ୍ଚଳ ରାସ୍ତାରେ ଥିବା ପାରମ୍ପାରିକ ଆଲୋକୀକରଣ ବ୍ୟବସ୍ଥା ପରିବର୍ତ୍ତେ ଶକ୍ତି ସାଶ୍ରୟୀ ଆଲୋକ ବ୍ୟବସ୍ଥା ଯୋଗାଇ ଦେବାର ଏକ ଉଚ୍ଚାଭିଳାଷୀ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । ଏତଦ୍‌ବ୍ୟତୀତ, ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ପୌରାଞ୍ଚଳ ସମେତ ବର୍ତ୍ତମାନ ସୁଦ୍ଧା ରାସ୍ତା ଆଲୋକୀକରଣ ହୋଇନଥିବା ଅଞ୍ଚଳରେ ମଧ୍ୟ ଏହି ଆଲୋକ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ।

୬୩. ଗ୍ରୀଷ୍ମକାଳରେ ଜଳକ୍ଲିଷ୍ଟ ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ସମସ୍ୟାଜନିତ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ମୋ ସରକାର ୨୪ଟି ପୌରାଞ୍ଚଳରେ ୪୨୨ଟି ସମସ୍ୟା ବହୁଳ ସ୍ଥାନ ଚିହ୍ନଟ କରିଛନ୍ତି ଏବଂ ଏହାର ପ୍ରତିକାର ନିମନ୍ତେ ଉଭୟ ସ୍ୱଳ୍ପ ତଥା ଦୀର୍ଘମିଆଦୀ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଜଳବାହିତ ରୋଗକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟରେ ଥିବା ସମସ୍ତ ନଷ୍ଟ ହୋଇଯାଇଥିବା ଓ ପ୍ରଦୂଷିତ ଜଳଯୋଗାଣ ପାଇପ୍ ଲାଇନ୍‌ଗୁଡ଼ିକୁ (୨୩୪ କି.ମି.) ପରିବର୍ତ୍ତନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମୁଦାୟ ୫୩.୩୦ କୋଟି ଟଙ୍କା ବିନିଯୋଗରେ ୨୦୧୭ ମାର୍ଚ୍ଚ ସୁଦ୍ଧା ଏହି କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହେବାକୁ ଯାଉଛି ।

୬୪. ୫ବର୍ଷର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବ୍ୟବସ୍ଥା ସହିତ ୪୩୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବିନିଯୋଗରେ ବ୍ରହ୍ମପୁର ବୃହତ୍ ଜଳଯୋଗାଣ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି, ଯାହାକି ବ୍ରହ୍ମପୁର ସହରାଞ୍ଚଳ ଓ ଜାନିବିଲି ଜଳଭଣ୍ଡାରଠାରୁ ବ୍ରହ୍ମପୁର ମାର୍ଗରେ ଥିବା ୫୩ଟି ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବ । ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଜନସମୁଦାୟକୁ ଉପକୃତ କରିବାକୁ ଥିବା ଏହି ସଂଯୁକ୍ତ ପାନୀୟ ଜଳ ପ୍ରକଳ୍ପ ରାଜ୍ୟରେ ପ୍ରଥମ ଥର ପାଇଁ କାର୍ଯ୍ୟକାରୀ ହେଉଛି । ଏତଦ୍ ବ୍ୟତୀତ, ଜଳଯୋଗାଣ କ୍ଷେତ୍ରରେ ସମଗ୍ର ରାଜ୍ୟରେ ୧୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ବିନିଯୋଗ କରାଯାଇ ଅନୁରୂପ ପ୍ରକଳ୍ପମାନ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି । ପାନୀୟ ଜଳଯୋଗାଣ କ୍ଷେତ୍ରରେ ବିଶୁଦ୍ଧତା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଏହାକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ୯ଟି ସ୍ଥାନରେ ସରକାରୀ ଓ ଘରୋଇ ସହଭାଗୀତାରେ ଏନ୍‌ଏବିଏଲ୍ ଅଧିସ୍ୱୀକୃତ ସର୍ବାଧୁନିକମାନର ଜଳ ପରୀକ୍ଷଣ ପରୀକ୍ଷାଗାର ସ୍ଥାପନ କରାଯାଉଛି ।

୬୫. ମୋ ସରକାର ସହରାଞ୍ଚଳ ବିକାଶ ନିମନ୍ତେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୧୫-୧୬ ବର୍ଷରେ 'ଅମୃତ' ଯୋଜନାରେ ନିର୍ଦ୍ଧାରିତ ୨୮ଟି ପ୍ରମୁଖ ସଂସ୍କାର ମାଇଲଖଣ୍ଡ ଅତିକ୍ରମ କରି ସମଗ୍ର ଦେଶରେ ଓଡ଼ିଶା ୩ୟ ସ୍ଥାନ ଅଧିକାର କରିଛି ।

୬୬. ନିଜସ୍ୱ ଶୌଚାଳୟ ନଥିବା ଗୋଷ୍ଠୀ ଓ ରାଜ୍ୟରେ ଆତଯାତ କରୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣର ଶୌଚାଳୟ ଯୋଗାଇଦେବାକୁ 'ଅମୃତ' ଯୋଜନା ଅନ୍ତର୍ଭୁକ୍ତ ରାଜ୍ୟ ୯ଟି ସହରରେ ହାଇବ୍ରିଡ୍ ଶୌଚାଳୟ ନିର୍ମାଣ, ଏଗୁଡ଼ିକୁ କାର୍ଯ୍ୟକ୍ଷମ କରାଇବା ସହିତ ଏହାର ପରିଚାଳନା ନିମନ୍ତେ ମେସର୍ସ ସୁଲଭ ଇଣ୍ଟରନ୍ୟାସନାଲ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏବଂ ଉକ୍ତ କାର୍ଯ୍ୟ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହା ଅନ୍ତର୍ଗତ ୧୫୦୦ଟି ଶୌଚାଳୟର ନିର୍ମାଣ କାର୍ଯ୍ୟ ବିଭିନ୍ନ ପର୍ଯ୍ୟାୟରେ ରହିଛି ।

୬୭. ଭୁବନେଶ୍ୱର ପରେ ରାଉରକେଲା ମଧ୍ୟ ଭାରତ ସରକାରଙ୍କ ସ୍ମାର୍ଟ ସିଟି ମିଶନ ଅନ୍ତର୍ଗତ ୨ୟ ପର୍ଯ୍ୟାୟ ପ୍ରତିଯୋଗିତାରେ ସ୍ମାର୍ଟ ସିଟି ରୂପେ ଘୋଷିତ ହୋଇଛି । ସ୍ମାର୍ଟ ସିଟି ପ୍ରକଳ୍ପଗୁଡିକର ସଫଳ ରୂପାୟନ ନିମନ୍ତେ ୪,୫୩୭ କୋଟି ଓ ୨,୨୦୬ କୋଟି ଟଙ୍କାର ଯୋଜନା ଯଥାକ୍ରମେ ଭୁବନେଶ୍ୱର ଓ ରାଉରକେଲା ସହରରେ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିଃ ଓ ରାଉରକେଲା ସ୍ମାର୍ଟ ସିଟି ଲିଃ ପରି ୨ଟି ସ୍ୱତନ୍ତ୍ର ଏସ୍‌ପିଭି ଗଠନ କରାଯାଇଛି ।

୬୮. ସହରାଞ୍ଚଳରେ ଦୁର୍ବଳ ଓ ଅଭାବୀ ଜନସାଧାରଣଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇଦେବା ଉଦ୍ଦେଶ୍ୟରେ ଗତ ତା ୧.୦୪.୨୦୧୫ରିଖରେ ୫ଟି ମହାନଗର ନିଗମାଞ୍ଚଳରେ ଆରମ୍ଭ କରାଯାଇଥିବା 'ଆହାର ଯୋଜନା' ଇତି ମଧ୍ୟରେ ସମସ୍ତ ୩୦ଟି ଜିଲ୍ଲାକୁ ସଂପ୍ରସାରିତ ହୋଇଛି । ବର୍ତ୍ତମାନ ୭୪ଟି ସହରରେ ୧୧୦ଟି ଆହାର କେନ୍ଦ୍ରରେ ଦୈନିକ ୬୭ ହଜାର ଲୋକଙ୍କୁ ୫ଟଙ୍କାରେ ଗରମ ରନ୍ଧା ଖାଦ୍ୟ ପରିବେଷଣ କରାଯାଉଛି, ବାର୍ଷିକ ୨କୋଟିରୁ ଊର୍ଦ୍ଧ୍ୱ ଲୋକ ଏହାଦ୍ୱାରା ଉପକୃତ ହେଉଛନ୍ତି ।

୬୯. ଗ୍ରାମାଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଇଂରାଜୀ ମାଧ୍ୟମ ଶିକ୍ଷାର ସୁଯୋଗ ଦେବା ପାଇଁ ମୋ ସରକାର ରାଜ୍ୟରେ ୧୦୦ଟି 'ଓଡ଼ିଶା ଆଦର୍ଶ ବିଦ୍ୟାଳୟ' ସ୍ଥାପନ କରିଛନ୍ତି । ଏହି ବିଦ୍ୟାଳୟମାନଙ୍କରେ ୨୦୧୬-୧୭ ବର୍ଷରେ ୨୩,୦୫୧ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ୨୦୧୭-୧୮ ଶିକ୍ଷା ବର୍ଷରେ ୧୪,୪୦୦ ଜଣ ଛାତ୍ରଛାତ୍ରୀଙ୍କୁ ଅଧ୍ୟୟନ କରିବା ପାଇଁ ସୁଯୋଗ ଦେବା ନିମନ୍ତେ ଆହୁରି ୬୦ଟି ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ କରାଯିବ । ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନିଯୁକ୍ତି ସାମର୍ଥ୍ୟ ବୃଦ୍ଧି କରିବା ଉଦ୍ଦେଶ୍ୟରେ ସେମାନଙ୍କ ପସନ୍ଦ ମୁତାବକ ଧନ୍ଦାମୂଳକ ବିଷୟରେ ୪ ବର୍ଷିଆ ଦକ୍ଷତାଭିତ୍ତିକ ତାଲିମ ନେବା ପାଇଁ ୨୦୮ଟି ବଛା ବଛା ବିଦ୍ୟାଳୟରେ ସୂଚନା ପ୍ରଯୁକ୍ତି (ଆଇଟି), ସୂଚନା ପ୍ରଯୁକ୍ତି ସମ୍ପର୍କିତ ସେବା (ଆଇଟିଇଏସ୍), ଖୁଚୁରା ବଜାର, ଭ୍ରମଣ ଓ ପର୍ଯ୍ୟଟନ (ଟ୍ରାଭେଲ୍ ଆଣ୍ଡ୍ ଟୁରିଜିମ୍), ବ୍ୟାଙ୍କିଙ୍ଗ୍, ଆର୍ଥିକ ସେବା ଓ ବୀମା (ବି.ଏଫ୍.ଏସ୍.ଆଇ.) କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷା ଆରମ୍ଭ କରାଯାଇଛି । ମାଧ୍ୟମିକ ପାଠ୍ୟକ୍ରମରେ ଧନ୍ଦାମୂଳକ ଶିକ୍ଷାକୁ ୩ୟ ଭାଷା ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

୭୦. ରାଜ୍ୟର ଶିକ୍ଷା କ୍ଷେତ୍ରରେ ଅନଗ୍ରସର ୧୭୩ଟି ବ୍ଲକରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ନିର୍ମାଣ ଅନୁମୋଦନ କରାଯାଇଛି । ୨୦୧୭-୧୮ ଶିକ୍ଷାବର୍ଷରେ ଏଥିରୁ ଅତି କମ୍‌ରେ ୬୦ଟି ଛାତ୍ରୀନିବାସ କାର୍ଯ୍ୟକ୍ଷମ ହେବ । ଅଧାରୁ ସ୍କୁଲ୍ ଛାଡୁଥିବା ପିଲା କିମ୍ବା ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ହୋଇ ମାଧ୍ୟମିକ ସ୍ତରୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରୁନଥିବା ପିଲାମାନଙ୍କୁ ଶିକ୍ଷା ସୁଯୋଗ ଦେବା ଉଦ୍ଦେଶ୍ୟରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାର ୩୪୪ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ କାର୍ଯ୍ୟକ୍ଷମ କରାଯାଇଛି ।

୭୧. ମୋ ସରକାର ୨୫୫ କୋଟି ଟଙ୍କା ବ୍ୟୟରେ ନବମ ଓ ଦଶମ ଶ୍ରେଣୀର ୯,୮୧,୦୮୭ଜଣ ଛାତ୍ରଛାତ୍ରୀଙ୍କୁ ସାଇକେଲ୍ ଯୋଗାଇ ଦେଇଛନ୍ତି । ପ୍ରାୟ ୪୬ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାଗଣାରେ ୟୁନିଫର୍ମ ଯୋଗାଇ ଦିଆଯାଇଛି ଏବଂ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ପଢୁଥିବା ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ୨.୮୨ କୋଟିରୁ ଊର୍ଦ୍ଧ୍ୱ ମାଗଣା ପାଠ୍ୟପୁସ୍ତକ ଯୋଗାଇ ଦିଆଯାଇଛି । ମୋ ସରକାର ୨,୧୦୦ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ବ୍ରେଲି ବହି, ୧୩,୦୦୦ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା ଏବଂ ୬,୦୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ଯାତାୟାତ ସହାୟତା ମଧ୍ୟ ପ୍ରଦାନ କରିଛନ୍ତି ।

୭୨. ମୋ ସରକାର ନିକଟରେ ଉଚ୍ଚ ମାଧ୍ୟମିକ ଶିକ୍ଷା (ଯୁକ୍ତ ଦୁଇ)କୁ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିଅଛନ୍ତି । ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ପ୍ରାଥମିକ ସ୍ତରରେ ମାତୃଭାଷାଭିତ୍ତିକ ଶିକ୍ଷାଦାନ ପାଇଁ ବହୁଭାଷୀ ପାଠ୍ୟପୁସ୍ତକ ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ଅନୁରୂପ ଶିକ୍ଷାଦାନ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଇଛି ।

୭୩. ଓଡ଼ିଶାକୁ ଦେଶର ଏକ ଜ୍ଞାନ କେନ୍ଦ୍ର ରୂପେ ଗଢ଼ି ତୋଳିବା ପାଇଁ ୨୦୦୦ ମସିହା ଠାରୁ ମୋ ସରକାର ପ୍ରମୁଖ ପ୍ରଶାସନିକ ଓ ଶିକ୍ଷା ସଂସ୍କାରଗୁଡ଼ିକୁ ହାତକୁ ନେଇଛନ୍ତି । ୨୦୧୫-୧୬ରେ ତିନିଗୋଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି, ତନ୍ମଧ୍ୟରୁ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଭାରତର ପ୍ରଥମ ସରକାରୀ ମହିଳା ବିଶ୍ୱବିଦ୍ୟାଳୟ ରୂପେ ମାନ୍ୟତା ଲାଭ କରିବାର ବିରଳ ଗୌରବ ଅର୍ଜନ କରିପାରିଛି । ୨୦୧୫-୧୬ ଶିକ୍ଷା ବର୍ଷଠାରୁ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଜିଲ୍ଲାମାନଙ୍କରେ ୮ଟି ନୂତନ ଆଦର୍ଶ ଡ଼ିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ଏଥିସହିତ ରାଜ୍ୟର ଆଭ୍ୟନ୍ତରୀଣ

ଅଞ୍ଚଳରେ ଉଚ୍ଚଶିକ୍ଷା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ ନିମନ୍ତେ ସମାନ ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ସମ୍ବଲପୁର ଠାରେ ଏକ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଛି ।

୭୪. 'ବିଜୁ ଯୁବ ସଶକ୍ତିକରଣ ଯୋଜନା'ରେ ବିଗତ ୩ ବର୍ଷ ମଧ୍ୟରେ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ୪୫,୦୦୦ ଲାପ୍‌ଟପ୍ ଯୋଗାଇ ଦିଆଯାଇଛି । 'ଗ୍ରୀନ୍ ପ୍ୟାସେଜ୍ ଯୋଜନା' ମାଧ୍ୟମରେ ରାଜ୍ୟର ସମସ୍ତ ଅନାଥ ଛାତ୍ରଛାତ୍ରୀମାନଙ୍କୁ ଯୁକ୍ତ ଦୁଇରୁ ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ମାଗଣାରେ ଶିକ୍ଷା ଯୋଗାଇ ଦିଆଯାଉଛି । ମୋ ସରକାର 'କଳିଙ୍ଗ ଶିକ୍ଷା ସାଥୀ ଯୋଜନା' ନାମରେ ଏକ ଅଭିନବ ଶିକ୍ଷା ଋଣ ଯୋଜନା ପ୍ରବର୍ତ୍ତନ କରିଛନ୍ତି, ଯଦ୍ଦ୍ୱାରା ଗରିବ ଓ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚଶିକ୍ଷା ଲାଭ ନିମନ୍ତେ ୧% ସୁଧରେ ଶିକ୍ଷା ଋଣ ମିଳିପାରିବ । ଏ ବାବଦରେ ମୋ ସରକାର ୫୦୦ କୋଟି ଟଙ୍କା ବ୍ୟୟ କରିବେ । ପ୍ରଥମ ଥର ପାଇଁ ଛାତ୍ରଛାତ୍ରୀମାନେ ଏସ୍.ଏ.ଏମ୍.ଏସ୍. ଜରିଆରେ ୨୩୧ଟି ସରକାରୀ ଧନ୍ଦାମୂଳକ କନିଷ୍ଠ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ଅନ୍‌ଲାଇନ୍‌ରେ ନାମ ଲେଖାଇଛନ୍ତି ।

୭୫. ମୋ ସରକାର ଆବେଦନ, ମନୋନୟନ, ନବୀକରଣ ଏବଂ ଛାତ୍ରବୃତ୍ତି ବଣ୍ଟନ ପ୍ରକ୍ରିୟାକୁ ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ ସରଳୀକୃତ କରାଇଛନ୍ତି । ଛାତ୍ରବୃତ୍ତି ରାଶି ଡ଼ି.ବି.ଟି. ମାଧ୍ୟମରେ ପିଲାମାନଙ୍କ ବ୍ୟାଙ୍କ୍ ଖାତାକୁ ସିଧାସଳଖ ପ୍ରେରଣ କରାଯାଇପାରୁଛି । ସିଭିଲ୍ ସର୍ଭିସ ପ୍ରିଲିମିନାରୀ ଓ ଅନ୍ୟାନ୍ୟ ଜାତୀୟ ସ୍ତରୀୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କୁ କୋଚିଂ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି ।

୭୬. ମୋ ସରକାର ରାଜ୍ୟରେ ସାମ୍ପ୍ରତିକ ଶିଳ୍ପାୟନକୁ ଦୃଷ୍ଟିରେ ରଖି ଯୁବ ଗୋଷ୍ଠୀଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ଉଦ୍ଦେଶ୍ୟରେ ବୈଷୟିକ ଶିକ୍ଷା ଏବଂ ପ୍ରଶିକ୍ଷଣ କ୍ଷେତ୍ରର ବିକାଶ ଓ ସଂପ୍ରସାରଣ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି ।

୭୭. ସ୍କିଲ୍‌ଡ୍-ଇନ୍-ଓଡିଶାର ବାସ୍ତବ ରୂପାୟନ ନିମନ୍ତେ ଦକ୍ଷତା ବିକାଶ ନୀତି ଏବଂ କାର୍ଯ୍ୟକ୍ରମର ପରାମର୍ଶ, ସମନ୍ୱୟ ଏବଂ ତଦାରଖ କରିବାକୁ ଓଡିଶା ଦକ୍ଷତା ବିକାଶ ମିଶନ ଅଧୀନରେ ଡ଼ିସେମ୍ବର ୨୦୧୬ରେ ଓଡିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଗଠନ କରାଯାଇଛି । ୨୦୧୧-୧୨ରୁ ୨୦୧୬-୧୭ ବର୍ଷ ମଧ୍ୟରେ ୬୧,୦୦୪ ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ ଦିଆଯାଇଛି, ତନ୍ମଧ୍ୟରୁ ୧୦,୪୩୭ ଜଣ ଯୁବକଯୁବତୀ ଉପଯୁକ୍ତ ସ୍ଥାନରେ ନିଯୁକ୍ତି ପାଇଛନ୍ତି । ଚଳିତ ଆର୍ଥିକ ବର୍ଷରେ ୭୨୧୨ ଜଣ ଯୁବକଯୁବତୀଙ୍କୁ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ଏବଂ ୨୦୧୭-୧୮ ବର୍ଷରେ ୨୦ ହଜାର ଯୁବକଯୁବତୀଙ୍କୁ ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ ।

୭୮. ଡିପ୍ଲୋମା ଓ ଆଇଟିଆଇ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ କେନ୍ଦ୍ରୀୟ ନିଯୁକ୍ତି ସେଲ୍ ପ୍ରତିଷ୍ଠା କରାଯାଇଛି । ୨୦୧୬-୧୭ ବର୍ଷ ମଧ୍ୟରେ ନିଯୁକ୍ତି ସେଲ୍ ଜରିଆରେ ବିଭିନ୍ନ କମ୍ପାନୀରେ ୨୮୯ ଡିପ୍ଲୋମା ଓ ୫୭୪ ଆଇଟିଆଇ ଛାତ୍ରଛାତ୍ରୀ ନିଯୁକ୍ତି ପାଇଛନ୍ତି । ରାଜ୍ୟ ସରକାର ଏବଂ ଏସିଆନ୍ ଡେଭଲପ୍‌ମେଣ୍ଟ୍ ବ୍ୟାଙ୍କ ସହାୟତାରେ ରାଜ୍ୟରେ ୬ଟି ଅଗ୍ରଣୀ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନ ଆରମ୍ଭ କରାଯାଉଛି ।

୭୯. ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକର ବିକାଶକୁ ତ୍ୱରାନ୍ୱିତ କରିବା ନିମନ୍ତେ ମୋ ସରକାର ନୂତନ କରି ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ନୀତି-୨୦୧୬ ପ୍ରଣୟନ କରିଛନ୍ତି । ଆବଶ୍ୟକୀୟ ଭିତ୍ତିଭୂମି, ମାନ ବୃଦ୍ଧିକୁ ପ୍ରୋତ୍ସାହନ ଓ ଅପଚୟ ହାର ହ୍ରାସ କରିବା ଉଦ୍ଦେଶ୍ୟରେ ମୋ ସରକାର ମଧ୍ୟ ନୂତନ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ନୀତି -୨୦୧୬ ପ୍ରଚଳନ କରାଇଛନ୍ତି । ଏହି ନୀତି ଆଧାରରେ ଦେବଗଡ, ଭଦ୍ରକ, ବରଗଡ, ନବରଙ୍ଗପୁର, ସମ୍ବଲପୁର, ଗଞ୍ଜାମ, ବଲାଙ୍ଗୀର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ମେଗା ରାଜ୍ୟ ଫୁଡ୍ ପାର୍କ ପ୍ରତିଷ୍ଠା କରାଯିବାର ବ୍ୟବସ୍ଥା ରହିଛି ।

୮୦. ରାଜ୍ୟରେ ଷ୍ଟାର୍ଟ ଅପ୍ ପରିବେଶର ଉନ୍ନତି ଓ ସୁଦୃଢ଼ୀକରଣ ନିମନ୍ତେ ରାଜ୍ୟ ସରକାର ୨୦୨୦ ସୁଦ୍ଧା ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଷ୍ଟାର୍ଟ ଅପ୍ କେନ୍ଦ୍ର ଭାବରେ ବିକଶିତ କରିବା ଓ ଆସନ୍ତା ୫ବର୍ଷ ମଧ୍ୟରେ ରାଜ୍ୟରେ ଏକହଜାର ଷ୍ଟାର୍ଟ ଅପ୍ ସ୍ଥାପନ ସୁବିଧା ଯୋଗାଇ ଦେବା ପାଇଁ ଉତ୍ସର୍ଗୀକୃତ ଷ୍ଟାର୍ଟ ଅପ୍ ନୀତି-୨୦୧୬ ପ୍ରଣୟନ କରିଛନ୍ତି । ପୁନଶ୍ଚ, ଯୁବଗୋଷ୍ଠୀଙ୍କ ମଧ୍ୟରେ ନବ ଉଦ୍ଭବ ସଂସ୍କୃତିର ଅଭ୍ୟୁଦୟ ନିମନ୍ତେ ମୋ ସରକାର ଓଡ଼ିଶା ଯୁବ ନବପ୍ରବର୍ତ୍ତନ ପାଣ୍ଠି ଅଧୀନରେ ଯୁବକ ଯୁବତୀମାନଙ୍କୁ ସହାୟତା ପ୍ରଦାନ କରୁଛନ୍ତି । ଚଳିତ ବର୍ଷ ୧୦୦ଜଣ ଯୁବକଯୁବତୀଙ୍କୁ ସହାୟତା ପ୍ରଦାନ କରାଯିବାର ପ୍ରସ୍ତାବ ରହିଛି ।

୮୧. ବିଗତ ଦଶନ୍ଧିରେ ଶିଳ୍ପ ବିକାଶ କ୍ଷେତ୍ରରେ ଓଡ଼ିଶା ଅଭୂତପୂର୍ବ ସଫଳତା ହାସଲ କରିଛି ଓ ଏକ ଶିଳ୍ପ ଅନୁକୂଳ ପରିବେଶ ସୃଷ୍ଟି ହେବା ଫଳରେ ଔଦ୍ୟୋଗିକ ପୁଞ୍ଜିନିବେଶରେ ଉଲ୍ଲେଖନୀୟ କୃତିତ୍ୱ ପରିଦୃଷ୍ଟ ହୋଇଛି । ଶିଳ୍ପାୟନ ପାଇଁ ସମସ୍ତ ପ୍ରକ୍ରିୟାର ସରଳୀକରଣ ଓ ପ୍ରକଳ୍ପ ମଞ୍ଜୁରୀକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ । ସରକାରୀ ଢ଼ାଞ୍ଚାକୁ ସହାୟକ ହେବାପାଇଁ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗକୁ ଦୃଷ୍ଟିରେ ରଖି ଆମ୍ଭେ ଏକ ଅଭିଯାନ ଆରମ୍ଭ କରିଛୁ । ଶିଳ୍ପ ପ୍ରତିଷ୍ଠା ଓ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ଓ ଅନୁମତି ଅନ୍‌ଲାଇନ ପୋର୍ଟାଲ୍ ତଥା ସ୍ୱଳ୍ପ ମାନବ ସମ୍ବଳ ବିନିଯୋଗରେ କରାଯିବ । ଏକ ବଳିଷ୍ଠ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ପ୍ରବର୍ତ୍ତନ ହେତୁ 'ଇଜ୍ ଅଫ୍ ଡୁଇଙ୍ଗ୍ ବିଜିନେସ୍' କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଆମ ରାଜ୍ୟ ଅଗ୍ରଣୀ।

୮୨. ଭିତ୍ତିଭୂମି ସହାୟତା, ଆନୁଷ୍ଠାନିକ ସହାୟତା ଏବଂ ପ୍ରାକ୍ ଉତ୍ପାଦନ ଓ ପରବର୍ତ୍ତୀ ପ୍ରୋତ୍ସାହନ ଯୋଗାଇ ଦେଇ 'ଶିଳ୍ପ ନୀତି-୨୦୧୫' ଶିଳ୍ପ ବିକାଶ ନିମନ୍ତେ ଏକ ବହୁବିଧ ଆଭିମୁଖ୍ୟ ଗ୍ରହଣ କରିବ । ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକାରୀମାନଙ୍କୁ ତୁରନ୍ତ ଜମି ଯୋଗାଇ ଦେବା ଉଦ୍ଦେଶ୍ୟରେ ଏକ ଲ୍ୟାଣ୍ଡ୍ ବ୍ୟାଙ୍କ୍ ପ୍ରତିଷ୍ଠା କରାଯାଇଛି ।

୮୩. ନିକଟରେ ମୁମ୍ବାଇଠାରେ ଅନୁଷ୍ଠିତ ମେକ୍ ଇନ୍ ଇଣ୍ଡିଆ ଅଭିଯାନ ଅବସରରେ ମୋ ସରକାର ସଫଳତାର ସହ ଅଣଖଣିଜ କ୍ଷେତ୍ରରେ ସର୍ବାଧିକ ପୁଞ୍ଜି ପ୍ରସ୍ତାବ ସହିତ ୭୦ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବା ପାଇଁ ଦେଶ ଏବଂ ବିଦେଶର ଶିଳ୍ପପତିମାନଙ୍କୁ ଆକୃଷ୍ଟ କରି ପାରିଛନ୍ତି । ସେହିପରି ବେଙ୍ଗାଲୁରୁଠାରେ ଅନୁଷ୍ଠିତ ପୁଞ୍ଜିନିବେଶକମାନଙ୍କ ସମାବେଶରେ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ ପ୍ରସ୍ତାବ ମିଳିଛି ।

୮୪. ମୋ ସରକାର ନିକଟରେ ରାଜ୍ୟ ରାଜଧାନୀ ଭୁବନେଶ୍ୱରଠାରେ ଏଯାବତ୍ ରାଜ୍ୟର ବୃହତ୍ ନିବେଶ ପ୍ରଦର୍ଶନୀ, 'ମେକ୍ ଇନ୍ ଓଡ଼ିଶା' ଆୟୋଜନ କରିଥିଲେ, ଯେଉଁଥିରେ ୧୦ଟି କ୍ଷେତ୍ରରେ ୨.୦୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ରାଜ୍ୟର ଯୁବ ବର୍ଗଙ୍କ ପାଇଁ ୧.୪ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟିର ପ୍ରସ୍ତାବ ମିଳିଛି । ଖଣି ଓ ଖଣିଜ ସମ୍ପଦ କ୍ଷେତ୍ରରେ ପ୍ରାୟ ୯୭,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ ନିମନ୍ତେ ନିୟମିତ ପୁଞ୍ଜିନିବେଶ କ୍ଷେତ୍ରରୁ ପ୍ରତିଶ୍ରୁତି ମିଳିଥିବା ବେଳେ ସୂଚନା ପ୍ରଯୁକ୍ତି ଓ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାଣ, ପୋଷାକ ସାମଗ୍ରୀ, ଜୈବପ୍ରଯୁକ୍ତି, ପର୍ଯ୍ୟଟନ, ପେଟ୍ରୋକେମିକାଲ୍ସ, କେମିକାଲ୍ସ ଓ ପ୍ଲାଷ୍ଟିକ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଭଳି ଶ୍ରମଭିତ୍ତିକ କ୍ଷେତ୍ରରେ ୧୦,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ନିମନ୍ତେ ପ୍ରତିଶ୍ରୁତି ମିଳିଛି । ୮୦ରୁ ଉର୍ଦ୍ଧ୍ୱ କମ୍ପାନୀ ରାଜ୍ୟରେ ପୁଞ୍ଜିନିବେଶ କରିବା ପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି । ୨.୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୩ ନିୟୁତ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ମୋ ସରକାର ଭିଜନ-୨୦୨୫କୁ ଦୃଷ୍ଟିରେ ରଖି ପ୍ରତି ୨ ବର୍ଷରେ ଥରେ ଏଭଳି ସମାବେଶମାନ ଆୟୋଜନ କରିବେ ।

୮୫. ରାଜ୍ୟର ଅର୍ଥନୈତିକ ବିକାଶରେ ସାଧାରଣ ଉଦ୍ୟୋଗ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଅତୀତରେ, ରାଜ୍ୟରେ ସାଧାରଣ ଉଦ୍ୟୋଗ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ବୃତ୍ତିଗତ ଅନୁଷ୍ଠାନଗୁଡ଼ିକୁ ସହଯୋଗ ଏବଂ ବୈଷୟିକ ସହାୟତାରେ ମୋ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜ୍ୟ ସାଧାରଣ ଉଦ୍ୟୋଗର ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ସାମର୍ଥ୍ୟ ବୃଦ୍ଧି ପ୍ରଶିକ୍ଷଣ ପ୍ରଦାନ କରି ପରିଚାଳନାଗତ ସକ୍ରିୟତା ଓ କାର୍ଯ୍ୟ ସମ୍ପାଦନ ଦକ୍ଷତାର ବିକାଶ ନିମନ୍ତେ ମୋ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି ।

୮୬. ରାଜ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ବ୍ୟବହାର ନିମନ୍ତେ ମୋ ସରକାର ନୂତନ ଚିନ୍ତାଧାରାକୁ ପ୍ରୋତ୍ସାହନ ଏବଂ ସମର୍ଥନ ଦେଉଛନ୍ତି । ଜୈବପ୍ରଯୁକ୍ତି ନୀତି - ୨୦୧୬ ପ୍ରଣୟନ ଫଳରେ ଜୈବପ୍ରଯୁକ୍ତି କ୍ଷେତ୍ରର ବିକାଶ ନିମନ୍ତେ ଆବଶ୍ୟକ ଆଲୋଚନା ଚକ୍ର, କର୍ମଶାଳା, ସମ୍ମାନ ଏବଂ ସମ୍ମିଳନୀ ଆୟୋଜନ କରିବା ସକାଶେ ଆର୍ଥିକ ସହାୟତା ମିଳିବା ସହିତ ଏ ସଂକ୍ରାନ୍ତୀୟ ଗବେଷଣା ଓ ଉନ୍ନୟନ ପ୍ରକଳ୍ପ, ଜୈବପ୍ରଯୁକ୍ତି/ ସାମୁଦ୍ରିକ ଜୈବପ୍ରଯୁକ୍ତି ପାର୍କ ନିମନ୍ତେ ଭିତ୍ତିଭୂମି ଉନ୍ନୟନ ସହ ଦକ୍ଷତା ଓ ଔଦ୍ୟୋଗିକ ବିକାଶ ତଥା ଜୈବପ୍ରଯୁକ୍ତି ସଂପର୍କିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ।

୮୭. ମୋ ସରକାରଙ୍କ ଦ୍ୱାରା ଅଣପାରମ୍ପରିକ ଶକ୍ତି ନୀତି -୨୦୧୬ ଅନୁମୋଦିତ ହୋଇଛି । ରାଜ୍ୟର ଆଇଏପି ଅଂଚଳର ଗ୍ରାମଗୁଡିକରେ ଏନ୍‌ଆର୍‌ଡିଡବ୍ଲୁପି ଅଧୀନରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ସଂସ୍ଥା ସହ ମିଳିତ ସହଯୋଗରେ ଓରେଡା ସୌର ଶକ୍ତି ଚାଳିତ ଦ୍ୱୈତ ପମ୍ପଚାଳିତ ପାଇପ୍ ଜଳଯୋଗାଣ କାର୍ଯ୍ୟକ୍ରମଗୁଡିକ ହାତକୁ ନେଇଛି । ୨୦୧୭-୧୮ ବର୍ଷରେ ରାଜ୍ୟର ବିଭିନ୍ନ ସ୍କୁଲ, ହଷ୍ଟେଲ୍ ଏବଂ ଗୋଷ୍ଠୀ ଉନ୍ନୟନ କେନ୍ଦ୍ରମାନଙ୍କରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ୨୦୦ଟି କ୍ଷୁଦ୍ର ସୌରଶକ୍ତି ଚାଳିତ ପମ୍ପ୍ ସମେତ ଏସ୍‌ପିଭି ଚାଳିତ ଦ୍ୱୈତ ପମ୍ପ୍ ଜରିଆରେ ୧୫୦ଟି ପାନୀୟ ଜଳଯୋଗାଣ ପ୍ରକଳ୍ପ ସ୍ଥାପନ କରାଯିବ ।

୮୮. ଭୂମି ବ୍ୟାଙ୍କ ଏବଂ ଶିକ୍ଷାନୁଷ୍ଠାନ ଗଣନା ନିମନ୍ତେ 'ଓର୍‌ସାକ୍' ଦ୍ୱାରା ବିକଶିତ ଉତ୍ସର୍ଗୀକୃତ ୱେବ୍ ସେବା GOiPLUS ଅନ୍ତର୍ଜାତୀୟ ସ୍ୱୀକୃତି ଲାଭ କରିଛି । ଓପିଟିସିଏଲ୍ ପାଇଁ ଶକ୍ତି ବଣ୍ଟନ ନେଟ୍‌ୱର୍କ ପରିଚାଳନା, ଆର୍‌ବିଆଇ ପାଇଁ ବ୍ୟାଙ୍କିଙ୍ଗ୍ ସୁବିଧା ନେଟ୍‌ୱର୍କ, ଡିଜିପିଏସ୍‌ଭିତ୍ତିକ ସର୍ବେକ୍ଷଣ, ଖଣି ଏବଂ ଜଙ୍ଗଲ ପରିସୀମାର ମାନଚିତ୍ର ଓ ଭୌଗୋଳିକ ଅନୁଧ୍ୟାନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଯୁବ ଜ୍ୟୋତିର୍ବିଜ୍ଞାନୀ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଜରିଆରେ ପ୍ରତିବର୍ଷ ୨୦ ଜଣ ଯୁବ ଉଦୀୟମାନ ଜ୍ୟୋତିର୍ବିଜ୍ଞାନୀ ମୋ ସରକାରଙ୍କ ଦ୍ୱାରା ପୁରସ୍କୃତ ହେଉଛନ୍ତି ।

୮୯. ରାଜ୍ୟରେ ଇ-ଗଭର୍ଣ୍ଣାନ୍ସ ସମେତ ଇଲେକ୍ଟ୍ରୋନିକ୍ସ ସିଷ୍ଟମ୍ ଡିଜାଇନ୍ ଓ ପ୍ରସ୍ତୁତି ଉପରେ ଅଧିକ ଗୁରୁତ୍ୱ ଦେବା ନିମନ୍ତେ ସୂଚନା ପ୍ରଯୁକ୍ତି ବିଭାଗର ନାମ ପରିବର୍ତ୍ତନ କରାଯାଇ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ଭାବରେ ପୁନଃନାମିତ କରାଯାଇଛି । ଓଡିଶାରେ ଏକ ଅନୁକୂଳ ଇଏସ୍‌ଡିଏମ୍ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଇନ୍‌ଫୋଭ୍ୟାଲିଠାରେ ଏକ ଗ୍ରୀନ୍ ଫିଲ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଙ୍ଗ୍ କ୍ଲଷ୍ଟର୍ ପ୍ରତିଷ୍ଠା କରାଯାଉଛି । ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ସମାନୁପାତିକ ଅଭିବୃଦ୍ଧି ନିମନ୍ତେ ମୋ ସରକାର ଭୁବନେଶ୍ୱର ବ୍ୟତୀତ ଅନୁଗୋଳ, ଯାଜପୁର, ସମ୍ବଲପୁର ଏବଂ ଜୟପୁର (କୋରାପୁଟ)ଠାରେ ୪ଗୋଟି ନୂତନ ସଫ୍ଟୱେର୍ ଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।

୯୦. ରାଜ୍ୟରେ ସଫ୍ଟୱେର୍ ରପ୍ତାନୀର ଅଭିବୃଦ୍ଧି ୩୦୦୦ କୋଟି ଟଙ୍କାରୁ ଅଧିକ ହୋଇଥିବା ଫଳରେ ଓଡ଼ିଶା ଦେଶର ସୂଚନା ପ୍ରଯୁକ୍ତି ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିପାରିଛି । ସୂଚନା ପ୍ରଯୁକ୍ତି ପ୍ରୟୋଗ କ୍ଷେତ୍ରରେ ଏକ ବିକାଶଶୀଳ ରାଜ୍ୟ ଭାବେ ପରିଗଣିତ ହୋଇ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ ରାଜ୍ୟ ବର୍ଗରେ ସମ୍ମାନଜନକ ସିଏସ୍‌ଆଇ-ନିହିଲାଣ୍ଟ ସମ୍ମାନ ହାସଲ କରିଛି ।

୯୧. ମୋ ସରକାର ସରକାରୀ ଭାଷା ଅଧିନିୟମ-୧୯୫୪ରେ ଆବଶ୍ୟକୀୟ ସଂଶୋଧନ ଆଣି ଓଡ଼ିଶା ସରକାରୀ ଭାଷା ନିୟମାବଳୀ-୨୦୧୬ ପ୍ରଣୟନ କରିଛନ୍ତି । ମୋ ସରକାର ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସେବାର ସଠିକ୍ ତଦାରଖ ନିମନ୍ତେ ୱେବ୍-ଭିତ୍ତିକ କେନ୍ଦ୍ରୀୟ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି ଓ ଜନସେବା କେନ୍ଦ୍ର ଜରିଆରେ ଜନସେବାଗୁଡ଼ିକର ଅନ୍‌ଲାଇନ ନିର୍ଗମନକୁ ସମନ୍ୱିତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

୯୨. ବିଭିନ୍ନ ବିଭାଗରେ ଉତ୍ତମ ସେବା ଯୋଗାଇଦେବା କ୍ଷେତ୍ରରେ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ଓ ଅଧିକାରୀମାନଙ୍କୁ ପ୍ରଶାସନ ଓ ଲୋକସେବା ପ୍ରଦାନରେ ଉତ୍କର୍ଷ ତଥା ଅଭିନବ ପ୍ରୟାସ ନିମନ୍ତେ ମୁଖ୍ୟମନ୍ତ୍ରୀ ପୁରସ୍କାର ଘୋଷଣା କରାଯାଇଛି ।

୯୩. ମୁଁ ଆନନ୍ଦିତ ଯେ ୨୦୧୬ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଛି । ୨୦୧୬ ବର୍ଷରେ ସାମଗ୍ରିକ ଭାବରେ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦୀ ଉପଦ୍ରବ ହ୍ରାସ ପାଇଛି ଯଦିଓ ମାଲକାନଗିରି, କୋରାପୁଟ ଏବଂ କଳାହାଣ୍ଡି ଜିଲ୍ଲାର କେତେକ ଅଞ୍ଚଳରେ ପରିସ୍ଥିତି ଆହ୍ୱାନମୂଳକ ରହିଥିଲେ ମଧ୍ୟ ପରିସ୍ଥିତିରେ କ୍ରମଶଃ ଉନ୍ନତି ଘଟୁଛି । ମାଲକାନଗିରି ଜିଲ୍ଲାରେ ବହୁ ସଂଖ୍ୟକ ବାମପନ୍ଥୀ ଉଗ୍ରବାଦୀ ଓ ସେମାନଙ୍କ ସମର୍ଥକ ବାମପନ୍ଥୀଙ୍କଠାରୁ ସମର୍ଥନ ପ୍ରତ୍ୟାହାର ନେଇ ସର୍ବସାଧାରଣରେ ଘୋଷଣା କରିବା ବିଷୟ ଅତ୍ୟନ୍ତ ଉତ୍ସାହଜନକ ।

୯୪. ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳରେ ମୋବାଇଲ୍ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥାକୁ ବୃଦ୍ଧି କରିବା ନିମନ୍ତେ ୨୪୮ଟି ଟାୱାରକୁ କାର୍ଯ୍ୟକ୍ଷମ କରାଯାଇଛି । ଏସ୍.ଆର.ଇ ଜିଲ୍ଲାଗୁଡିକରେ କ୍ଷତିଗ୍ରସ୍ତ ସାଧାରଣ ନାଗରିକମାନଙ୍କ ପରିବାରର ଥଇଥାନ ଓ ପୁର୍ନବାସ ନିମନ୍ତେ ଅନୁକମ୍ପାମୂଳକ ସହାୟତା ରାଶିକୁ ୧ଲକ୍ଷରୁ ୩ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ଅଣ-ଏସ୍ଆରଇ ଜିଲ୍ଲାଗୁଡିକ ନିମନ୍ତେ ଏହାକୁ ୧ଲକ୍ଷରୁ ୪ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ନକ୍ସଲ ହିଂସାକାଣ୍ଡରେ ମୃତ୍ୟୁବରଣ କରୁଥିବା ପୋଲିସ କର୍ମଚାରୀମାନଙ୍କ ପରିବାରକୁ ମିଳୁଥିବା ଘରଡିହ ଆବଣ୍ଟନ ବ୍ୟବସ୍ଥାକୁ ମଧ୍ୟ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ କର୍ମଚାରୀଙ୍କ ପାଇଁ ସଂପ୍ରସାରିତ କରାଯାଇଛି ।

୯୫. ପୋଲିସ ବାହିନୀର ସାମର୍ଥ୍ୟ ବୃଦ୍ଧି ନିମନ୍ତେ ୨୫୦ଟି ବିଭିନ୍ନ ପାହ୍ୟାର ପଦବୀ ସୃଷ୍ଟି କରାଯାଇଛି ଏବଂ ଖାଲି ପଦବୀ ପୂରଣ ଦିଗରେ ୭୯୨ ପ୍ରାର୍ଥୀଙ୍କୁ ପୋଲିସ ସବଇନସ୍ପେକ୍ଟର, ପୋଲିସ ସର୍ଜେଣ୍ଟ, ଡେପୁଟି ସୁବେଦାର ଅଫ ପୋଲିସରେ ନିଯୁକ୍ତି ଦିଆଯାଇଛି ଏବଂ ଅପରାଧିକ ମାମଲାରେ ଆରକ୍ଷୀ ଅଧିକ୍ଷକଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବା ନିମନ୍ତେ ୩୨ଟି ଆଇନ ପରାମର୍ଶଦାତା ପଦବୀ ସୃଷ୍ଟି କରାଯାଇଛି । ଶିଳ୍ପ କାରଖାନା ଏବଂ ପ୍ରତିଷ୍ଠାନଗୁଡିକରେ ସୁରକ୍ଷା ସହାୟତା ଯୋଗାଇଦେବା ନିମନ୍ତେ ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀରେ ୧୩୭୦ ଜଣ କନଷ୍ଟେବଲ୍‌ଙ୍କୁ ନିଯୁକ୍ତି ଦିଆଯାଇଛି ।

୯୬. ସାଇବର୍ ଅପରାଧଗୁଡ଼ିକର ଫଳପ୍ରଦ ତଦନ୍ତ ନିମନ୍ତେ ରାଜ୍ୟ ଫୋରେନ୍‌ସିକ ସାଇନ୍ସ ଲାବୋରେଟୋରୀରେ ଏକ ସାଇବର୍ ଫୋରେନ୍‌ସିକ ୟୁନିଟ ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଇଛି । ନିଖୋଜ ଶିଶୁମାନଙ୍କୁ ରାଜ୍ୟ ଏବଂ ରାଜ୍ୟବାହାରୁ ଉଦ୍ଧାର କରିବା ପାଇଁ 'ଅପରେସନ ମୁସ୍‌କାନ' ନାମକ ଏକ ସମର୍ପିତ ଅଭିଯାନ ରାଜ୍ୟ ପୋଲିସ ଦ୍ୱାରା ଦୁଇଟି ପର୍ଯ୍ୟାୟରେ ୨୦୧୬ ମସିହାରେ ଆରମ୍ଭ କରାଯାଇଛି । ଏହି ଅଭିଯାନ କ୍ରମେ ୨୨୭୧ ଜଣ ବାଳକ ଓ ୩୩୯ ଜଣ ବାଳିକାଙ୍କୁ ଉଦ୍ଧାର କରାଯାଇଛି ।

୯୭. ରାଜ୍ୟର ସମସ୍ତ ବ୍ଲକକୁ ଅନ୍ତର୍ଭୁକ୍ତ କରିବା ଲକ୍ଷ୍ୟରେ ୩୩୫ଗୋଟି ଅଗ୍ନିଶମ ସେବା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଅନୁମୋଦନ ମିଳିଛି । ବର୍ତ୍ତମାନ ରାଜ୍ୟରେ ୩ଟି ମେଡିକାଲ କଲେଜରେ ୩ଟି ନୂତନ ଅଗ୍ନିଶମ ସେବା କେନ୍ଦ୍ର ସମେତ ମୋଟ ୩୦୧ଟି ଅଗ୍ନିଶମ ସେବା କେନ୍ଦ୍ର କାର୍ଯ୍ୟ କରୁଛି ।

୯୮. ମୋ ସରକାର ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ଓ ସଂରକ୍ଷଣକୁ ସୁନିଶ୍ଚିତ କରିବା ନିମନ୍ତେ ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି । ୨୭ ଜାନୁଆରୀ ୨୦୧୬ ତାରିଖଠାରୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା, ଶ୍ରୀଜଗନ୍ନାଥ ମନ୍ଦିରର ଜଗମୋହନର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ଏହା ଖୁବ୍ ଶୀଘ୍ର ସମାପ୍ତ ହେବ ବୋଲି ଆଶା । ସେବାୟତମାନଙ୍କ କଲ୍ୟାଣ ନିମନ୍ତେ ସ୍ୱାସ୍ଥ୍ୟ, ବାସଗୃହ ଏବଂ ସନ୍ତାନସନ୍ତତି ମାନଙ୍କର ଶିକ୍ଷା ଆଦି କ୍ଷେତ୍ରରେ ଉନ୍ନତି ପାଇଁ ସଂପୃକ୍ତ ବିଭାଗ ଅନେକଗୁଡିଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।

୯୯. ମାମଲାଗୁଡ଼ିକର ଶୀଘ୍ର ବିଚାର ଏବଂ ତ୍ୱରିତ ଫଇସଲା ନିମନ୍ତେ ମୋ ସରକାର ୨୦୧୬ ମସିହାରେ ବିଭିନ୍ନ ବର୍ଗର ୨୯ଟି ଅଦାଲତ ପ୍ରତିଷ୍ଠା କରିବା ନିମନ୍ତେ ବିଜ୍ଞପ୍ତି ଜାରି କରିଛନ୍ତି । ଏହାବ୍ୟତୀତ ବିଭିନ୍ନ ପାହ୍ୟାର ୭୦ଟି ନ୍ୟାୟିକ ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି । ମୋ ସରକାର ୨୦୧୬ ମସିହାରେ ଓଡ଼ିଶା ନ୍ୟାୟିକ ସେବାରେ ୨୧ ଜଣ ସିଭିଲ୍ ଜଜ୍‌ଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ଓଡ଼ିଶା ନ୍ୟାୟିକ ସେବାରେ ଅଧିକ ୧୫୩ ଜଣ ସିଭିଲ୍ ଜଜ୍‌ଙ୍କୁ ନିଯୁକ୍ତି ନିମନ୍ତେ ପଦକ୍ଷେପ ଗ୍ରହଣ କରିଛନ୍ତି ।

୧୦୦. ଗ୍ରାମାଞ୍ଚଳରେ ବାସ କରୁଥିବା ସାଧାରଣ ଜନତାଙ୍କୁ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ନିମନ୍ତେ ମୋ ସରକାର ରାଜ୍ୟର ପ୍ରତ୍ୟେକ ଗ୍ରାମପଞ୍ଚାୟତରେ 'ମଧୁବାବୁ ଆଇନ ସହାୟତା ଶିବିର' ପ୍ରତିଷ୍ଠା କରିଛନ୍ତି ଏବଂ ଆଇନ ସହାୟତା ସେଲ ନିମନ୍ତେ ଆଇନ୍‌ଜୀବୀ ନିୟୋଜନ ପ୍ରକ୍ରିୟା ଆରମ୍ଭ କରିଛନ୍ତି ।

୧୦୧. ସ୍ୱଚ୍ଛ ନିଲାମ ପ୍ରକ୍ରିୟା ଜରିଆରେ ଲଘୁ ଖଣିଜ ରିହାତି ପ୍ରଦାନ ନିମନ୍ତେ ମୋ ସରକାର ଓଡ଼ିଶା ଲଘୁ ଖଣିଜ ରିହାତି ନିୟମାବଳୀ, ୨୦୧୬ ପ୍ରଣୟନ କରିଛନ୍ତି । ଖଣିଜ ପଦାର୍ଥ ପରିଚାଳନାରେ ସ୍ୱଚ୍ଛତା ଆଣିବା ନିମନ୍ତେ ଭାରତ ସରକାରଙ୍କ ଇ-ପ୍ରଶାସନ ପ୍ରକ୍ରିୟାର ଅଂଶ ସ୍ୱରୂପ ଇସ୍ପାତ ଓ ଖଣି ବିଭାଗ ସମନ୍ୱିତ ଖଣି ଓ ଖଣିଜ ପରିଚାଳନା ବ୍ୟବସ୍ଥା ନାମରେ ଏକ ପ୍ରକଳ୍ପ କାର୍ଯ୍ୟକାରୀ କରିଛନ୍ତି । ଇ-ପରମିଟ୍, ଇ-ପାଶ୍, ଇ-ଫାଇଲ୍ ଓ ଇ-ପେମେଣ୍ଟ ବ୍ୟତୀତ ସମୟଭିତ୍ତିକ ଉତ୍ପାଦନ, ପ୍ରେରଣ ଓ ଖଣିଜ ଦ୍ରବ୍ୟର ବିକ୍ରୟ ମୂଲ୍ୟ ନିରୀକ୍ଷଣ ନିମନ୍ତେ ଜାତୀୟ ଖଣିଜ ପରିସଂଖ୍ୟାନ ନାମକ ଏକ ମୋବାଇଲ୍ ଆପ୍ଲିକେସନର ପ୍ରଚଳନ କରାଯାଇଛି । ଖଣିଜ ପରିବହନକାରୀ ଯାନଗୁଡ଼ିକର ଟ୍ରାକିଂ ବ୍ୟବସ୍ଥା ସୁନିଶ୍ଚିତ କରିବା ଦିଗରେ ଜି.ପି.ଏସ୍. ବ୍ୟବସ୍ଥାର ପ୍ରଚଳନ କରାଯାଇ ଚଳିତ ଆର୍ଥିକ ବର୍ଷ ଠାରୁ ସମସ୍ତ ଖଣିଜ ପଦାର୍ଥ ପରିବହନକାରୀ ଯାନଗୁଡ଼ିକରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି ।

୧୦୨. ୨୦୧୬-୧୭ ବର୍ଷରେ ଓଡ଼ିଶା ଖଣି ନିଗମ ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ, ପରିବେଶ ଓ ରିଲିଫ୍ କ୍ଷେତ୍ରରେ ବିଭିନ୍ନ ଔଦ୍ୟୋଗିକ ସାମାଜିକ ଦାୟିତ୍ୱ (ସିଏସ୍ଆର୍) କାର୍ଯ୍ୟକ୍ରମ ହାତକୁ ନେଇଛି । ରାଜ୍ୟରେ ଖଣିଜ ପଦାର୍ଥ ଅନ୍ୱେଷଣ ଉଦ୍ଦେଶ୍ୟରେ ଓଡ଼ିଶା ଖଣି ନିଗମ ଶତପ୍ରତିଶତ ମାଲିକାନା ସ୍ୱତ୍ତ୍ୱ ଥିବା ସହାୟକ କମ୍ପାନୀ, ଓଡ଼ିଶା ଖଣିଜ ପଦାର୍ଥ ଅନ୍ୱେଷଣ ନିଗମ ଲିଃ(ଓଡ଼ିଶା ମିନେରାଲ ଏକ୍ସପ୍ଲୋରେସନ୍ କର୍ପୋରେସନ୍ ଲିମିଟେଡ୍)କୁ ଅନ୍ତର୍ଭୁକ୍ତ କରିଛି ।

୧୦୩. ଓଡ଼ିଶା ଖଣି ନିଗମର ଆର୍ଥିକ ସହାୟତାରେ ସାମାଜିକ ଦାୟିତ୍ୱ ଓ ନେତୃତ୍ୱ କେନ୍ଦ୍ର (ସିଏସ୍ଆର୍ଏଲ୍)ର ପ୍ରୟାସରେ ପ୍ରତି ବ୍ୟାଚ୍‌ରେ ଓଡ଼ିଶାରୁ ଆର୍ଥିକ ଅନଗ୍ରସର ୩୦ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଦୁଇଟି ବ୍ୟାଚ୍ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ)୨୦୧୬ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେବାକୁ ମନୋନୀତ ହୋଇଥିଲେ । ୨୦୧୭ ମସିହାଠାରୁ ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ଏହି ପ୍ରଶିକ୍ଷଣ ପ୍ରଦାନ ଲକ୍ଷ୍ୟରେ ଉକ୍ତ ପ୍ରୟାସର ନାମକରଣ 'ଓ.ଏମ୍.ସି.ସୁପର-୧୦୦' ରଖାଯାଇଛି ।

୧୦୪. ରାଜ୍ୟର ଗ୍ରାମାଞ୍ଚଳରେ ଘରଡ଼ିହ ନଥିବା ଓ ଭୂମିହୀନ ପରିବାରକୁ ଘରଡ଼ିହ ଓ ଜମି ଆବଣ୍ଟନର ସୁପରିଚାଳନା ମୋ ସରକାରଙ୍କ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ । ଅତ୍ୟନ୍ତ ଖୁସିର ବିଷୟ ଯେ ମୋ ସରକାର ୮୪,୦୬୫ ଘରଡ଼ିହ ନଥିବା ପରିବାରକୁ ଘରଡ଼ିହ ବଣ୍ଟନ କରିଛନ୍ତି ।

୧୦୫. ମୋ ସରକାର କୃଷକ ଓ ଜମି ମାଲିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା କୃଷି ଜମି ଲିଜିଂ ଅଧିନିୟମ-୨୦୧୬ ପ୍ରଣୟନର ପ୍ରସ୍ତାବ ରଖିଛନ୍ତି । ମୋ ସରକାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜଳସେଚନ, ଡ୍ରେନେଜ୍, ରେଳ ସଂଯୋଗୀକରଣ, ଜାତୀୟ ରାଜପଥ ଏବଂ ଏୟାର ଷ୍ଟ୍ରିପର ସଂପ୍ରସାରଣ ଆଦି ବିଭିନ୍ନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣକୁ ସର୍ବାଧିକ ପ୍ରାଥମିକତା ଦେବା ସହିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରଗୁଡ଼ିକୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି ।

୧୦୬. ବେଆଇନ୍ ମଦ କାରବାର ରୋକିବା ଏବଂ ରାଜ୍ୟ ପାଇଁ ରାଜସ୍ୱ ସଂଗ୍ରହ କରିବା ଲକ୍ଷ୍ୟରେ ମୋ ସରକାର ଏକ ନିର୍ଦ୍ଦିଷ୍ଟ ନୀତି ଅନୁସରଣ କରୁଛନ୍ତି, ଫଳରେ ସାମାଜିକ ମୂଲ୍ୟବୋଧ ସହିତ ସାଲିସ୍ ନକରି ମଦ ପ୍ରସ୍ତୁତି, ପାତନ ଓ ବ୍ୟବସାୟକୁ ଅତ୍ୟନ୍ତ ସତର୍କତାର ସହିତ ବ୍ୟବସ୍ଥିତ କରାଯାଇ ଯଥେଷ୍ଟ ରାଜସ୍ୱ ସଂଗ୍ରହ ସମ୍ଭବ ହୋଇପାରୁଛି ।

୧୦୭. ଇତିମଧ୍ୟରେ ଓଡ଼ିଶା ଅବକାରୀ ଅଧିନିୟମ-୨୦୦୮ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ଲାଭ କରିଛି ଓ ନିୟମାବଳୀ ପ୍ରସ୍ତୁତି ଚାଲୁ ରହିଛି । ଏହି ନୂତନ ଅଧିନିୟମ ଅବକାରୀ ପ୍ରଶାସନ ଓ ପ୍ରବର୍ତ୍ତନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବାରେ ସହାୟକ ହେବ । ଆଇନ୍ ଖିଲାପକାରୀଙ୍କୁ ଦଣ୍ଡବିଧାନ ଓ ଏ ସଂକ୍ରାନ୍ତରେ ବ୍ୟବସ୍ଥାଗତ ପ୍ରତିବିଧାନ ନିମନ୍ତେ ବିହାର ଓ ଓଡ଼ିଶା ଅବକାରୀ ଅଧିନିୟମ, ୧୯୧୫ର ପରିବର୍ତ୍ତନ କରି ରାଜ୍ୟରେ ମଦ ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସମ୍ପର୍କିତ ଏକ ବିସ୍ତୃତ ଆଇନ୍‌ର ବ୍ୟବସ୍ଥା କରିବା ଉକ୍ତ ଅଧିନିୟମର ଉଦ୍ଦେଶ୍ୟ ।

୧୦୮. ମୋ ସରକାର ଆମ ଜଙ୍ଗଲ ଯୋଜନା ଭଳି କାର୍ଯ୍ୟକ୍ରମ ଜରିଆରେ ଜୀବିକା ନିର୍ବାହ ଏବଂ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ସକ୍ରିୟ ଅଂଶଗ୍ରହଣ ନିମନ୍ତେ ଅଧିକରୁ ଅଧିକ ଜଙ୍ଗଲ ଅଞ୍ଚଳକୁ ଯୁଗ୍ମ ଜଙ୍ଗଲ ପରିଚାଳନା ଅଧିନରେ ଆଣିବା ସକାଶେ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ଫଳରେ ୨୦୧୬-୧୭ ବର୍ଷଠାରୁ ୨୦୨୧-୨୨ ପର୍ଯ୍ୟନ୍ତ ୬ ବର୍ଷ ଅବଧି ମଧ୍ୟରେ ରାଜ୍ୟର ୧୪ଟି ଜିଲ୍ଲାରେ ଥିବା ୩୦ଟି ବନଖଣ୍ଡର ୭୦୦୦ ବନ ସୁରକ୍ଷା ସମିତିକୁ ଅନ୍ତର୍ଭୁକ୍ତ କରାଯିବ ।

୧୦୯. ମୁଁ ଆନନ୍ଦିତ ଯେ, ସମସ୍ତ ବନୀକରଣ ଯୋଜନାକୁ ମିଶାଇ ୨୦୧୩-୧୪ ବର୍ଷଠାରୁ ଆରମ୍ଭ କରାଯାଇଥିବା ସବୁଜ ଓଡ଼ିଶା ମିଶନ ଜରିଆରେ ୪୪.୫୨ କୋଟି ଚାରାରୋପଣ କରାଯାଇଛି । ଏହାର ପୁନଃ ସଂପ୍ରସାରଣ ପାଇଁ ୨୦୧୭-୧୮ ବର୍ଷଠାରୁ ୨୦୨୧-୨୨ ବର୍ଷ ମଧ୍ୟରେ ମୋ ସରକାର ସମୁଦାୟ ୪୫୬.୮୫ କୋଟି ଟଙ୍କା ବ୍ୟୟ ଅନୁମୋଦନ କରିବାକୁ ବିଚାର କରୁଛନ୍ତି । ଜୈବ ବିବିଧତାର କେନ୍ଦ୍ରସ୍ଥଳୀ ଭାବେ ବିବେଚିତ ପବିତ୍ର ଜନଜାତି ପୀଠସ୍ଥଳୀଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ନିମନ୍ତେ ଜନଜାତିମାନଙ୍କର ପ୍ରୟାସକୁ ମୋ ସରକାର ସହଯୋଗ କରୁଛନ୍ତି । ୧,୩୭୦ଟି ପବିତ୍ର ପୀଠସ୍ଥଳୀର ସୁରକ୍ଷା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି ।

୧୧୦. ମୁଁ ଅତ୍ୟନ୍ତ ଖୁସି ଯେ, ପୁରୀଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ନିମନ୍ତେ ରଥ ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା କାଠ ଯୋଗାଇଦେବା ଉଦ୍ଦେଶ୍ୟରେ ଜଗନ୍ନାଥ ବନ ପ୍ରକଳ୍ପ ଯୋଜନା କାର୍ଯ୍ୟକାରୀ ହେଉଛି । ଏଠାରେ ମୁଁ ଉଲ୍ଲେଖ କରିବାକୁ ଚାହେଁ ଯେ, ଶିମିଳିପାଳର କବାଟଘାଇ, ଯମୁନାଗଡ ଏବଂ କିଆଝରୀ ପରି ଗ୍ରାମଗୁଡିକର ସ୍ୱେଚ୍ଛାକୃତ ପୁନଃଅବସ୍ଥାପନ ମୋ ସରକାରଙ୍କ ପାଇଁ ଏକ ପ୍ରମୁଖ ସଫଳତା । ଗ୍ରାମବାସୀଙ୍କଠାରୁ ଅଧିଗୃହୀତ ଜମିକୁ ତୃଣଭୋଜୀଙ୍କ ଚାରଣ ଭୂମି ଭାବରେ ବିକଶିତ କରାଯିବ । ଇତିମଧ୍ୟରେ, ପୁନଃସଂସ୍ଥାପିତ ଗ୍ରାମଗୁଡିକର ଅଧିବାସୀମାନଙ୍କୁ ଆବଶ୍ୟକୀୟ ଭିତ୍ତିଭୂମି ସୁବିଧା ଯୋଗାଇଦେବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ।

୧୧୧. ପର୍ଯ୍ୟଟକଙ୍କୁ ପ୍ରକୃତି ସମ୍ବନ୍ଧିତ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ୩୦ଟି ସ୍ଥାନରେ ଥିବା ପରିବେଶ-ପର୍ଯ୍ୟଟନ ସୁବିଧାର ବିକାଶ କରାଯାଉଛି । ସମାଜର ଦୁର୍ବଳ ବର୍ଗ ବିଶେଷତଃ ମହିଳାଙ୍କ ସମେତ ୮ ଲକ୍ଷ କେନ୍ଦୁପତ୍ର ତୋଳାଳୀ ଓ ବନ୍ଧାଳୀଙ୍କୁ ଆମ୍ ଆଦ୍‌ମୀ ବୀମା ଯୋଜନା ଅଧୀନରେ ସାମିଲ୍ କରାଯାଇଛି । ଜୀବନ ବୀମା ଏବଂ ଭିନ୍ନକ୍ଷମ ବୀମା ସୁବିଧା ନିମନ୍ତେ ଉଦ୍ଦିଷ୍ଟ ବିଜୁ ପଟ୍ଟନାୟକ ଗୋଷ୍ଠୀ ବୀମାରେ ୨୦୧୬ ବର୍ଷରେ ୧୫,୯୧୩ ଜଣ ସାମୟିକ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି । ସମସ୍ତ ପଂଜିକୃତ ତୋଳାଳୀ ସେମାନଙ୍କର ନିଜସ୍ୱ ବ୍ୟାଙ୍କ ଆକାଉଣ୍ଟ ଜରିଆରେ ନିଜ ନିଜର ପ୍ରାପ୍ୟ ପାଇଛନ୍ତି । ୨୦୧୬ ବର୍ଷରେ କେନ୍ଦୁପତ୍ର ତୋଳାଳୀଙ୍କୁ ୧୩୦ କୋଟି ଟଙ୍କା ଶତ ପ୍ରତିଶତ ବୋନସ୍ ଆକାରରେ ପ୍ରଦାନ କରାଯାଇଛି ।

୧୧୨. ମୁଁ ଆନନ୍ଦର ସହ ପ୍ରକାଶ କରୁଛି ଯେ, ମୋ ସରକାରଙ୍କ ଦ୍ୱାରା ଅପହଂଚ ତଥା ଯୋଗାଯୋଗ ସୁବିଧା ନଥିବା ଗ୍ରାମ ପଚାଂୟତଗୁଡିକୁ ପରିବହନ ସେବା ଯୋଗାଇ ଦେବା ନିମନ୍ତେ ଆରମ୍ଭ କରାଯାଇଥିବା 'ବିଜୁ ଗାଁ ଗାଡି' ଯୋଜନା ଇତିମଧ୍ୟରେ

ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଏହି ଯୋଜନାରେ ୫୬୮ଟି ଯାନ ଚଳାଚଳ କରୁଛି ଏବଂ ଆମେ ପ୍ରଥମ ଥର ପାଇଁ ଚଳିତ ବର୍ଷ ୪୬୩ଟି ଯୋଗାଯୋଗ ବିହୀନ ଗ୍ରାମ ପଚାଂୟତକୁ ପରିବହନ ସୁବିଧା ଯୋଗାଇ ଦେବାରେ ସମର୍ଥ ହୋଇଛୁ ।

୧୧୩. ରେଳପଥର ବିକାଶ, ବିସ୍ତାର ଓ ରାଜ୍ୟର ସମସ୍ତ ୩୦ଗୋଟି ଜିଲ୍ଲାକୁ ରେଳ ସଂଯୋଗୀକରଣ ନିମନ୍ତେ ମୋ ସରକାର ପ୍ରତିଶ୍ରୁତିବଦ୍ଧ । ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ ଅଧୀନସ୍ଥ ରାଜସୁନାଖଳାଠାରେ ନୂତନ ରେଳ ଷ୍ଟେସନ ପ୍ରତିଷ୍ଠା ଫଳରେ ନୟାଗଡ ଜିଲ୍ଲାକୁ ରେଳ ସଂଯୋଗୀକରଣ ସମ୍ଭବ ହୋଇପାରିଛି ଏବଂ ୨୦୧୭ ମାର୍ଚ୍ଚ ସୁଦ୍ଧା ନୟାଗଡ ସହରକୁ ରେଳ ସଂଯୋଗ ନିମନ୍ତେ ଲକ୍ଷ୍ୟ ରଖାଯାଇଛି । ବଲାଙ୍ଗୀରଠାରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ରେଳ ଯୋଗାଯୋଗ କାର୍ଯ୍ୟ ଆରମ୍ଭ ହୋଇଛି ।

୧୧୪. ମୋ ସରକାର ପ୍ରଥମ ଥର ପାଇଁ ମାଲ୍କାନଗିରି ଏବଂ ନବରଙ୍ଗପୁର ଜିଲ୍ଲାକୁ ରେଳ ସଂଯୋଗୀକରଣ ନିମନ୍ତେ ଦୁଇଗୋଟି ନୂତନ ରେଳ ପ୍ରକଳ୍ପ ଜୟପୁର-ମାଲକାନଗିରି (୧୩୦ କି.ମି.) ଏବଂ ନବରଙ୍ଗପୁର-ଜୟପୁର (୩୮ କି.ମି.) ରେଳପଥ ପାଇଁ ରେଳ ମନ୍ତ୍ରାଳୟ ସହ ଦୁଇଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ରାଜ୍ୟରେ ରେଳ ଭିତ୍ତିଭୂମିର ଅଧିକ ବିକାଶ ନିମନ୍ତେ ରେଳ ମନ୍ତ୍ରାଳୟ ଏବଂ ଓଡିଶା ସରକାରଙ୍କ ମିଳିତ ସହଯୋଗରେ ବର୍ତ୍ତମାନ ଏକ ଯୌଥ କଂପାନୀ ଗଠିତ ହେବାକୁ ଯାଉଛି ଏବଂ ଏଥିପାଇଁ ରେଳ ମନ୍ତ୍ରାଳୟ ସହ ଚୁକ୍ତି ପତ୍ର ସ୍ୱାକ୍ଷରିତ ହୋଇଛି ।

୧୧୫. ମୋ ସରକାର ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ବିକାଶ ପାଇଁ ସାମୁହିକ ଓ ସମନ୍ୱିତ ପଦକ୍ଷେପ ଗ୍ରହଣ କରିଛନ୍ତି । ସେମାନଙ୍କର ସାମାଜିକ, ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବିକା ନିର୍ବାହ କ୍ଷେତ୍ରର ଉନ୍ନତି ନିମନ୍ତେ ଅଗ୍ରାଧିକାର ଦିଆଯାଉଛି ।

୧୧୬. ମୁଁ ଅତ୍ୟନ୍ତ ଆନନ୍ଦିତ ଯେ, ମୋ ସରକାର ୭୯୫.୪୧ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶା ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ବର୍ଗଙ୍କ ସଶକ୍ତିକରଣ ଓ ଜୀବିକା ଉନ୍ନୟନ (ଓପିଇଏଲ୍ଆଇପି) ଯୋଜନା ନାମରେ ଏକ ୮ ବର୍ଷିଆ ଦୂରଦୃଷ୍ଟି ସମ୍ପନ୍ନ ସମନ୍ୱିତ ଯୋଜନା ପ୍ରଣୟନ କରୁଛନ୍ତି, ଯାହା ମାଇକ୍ରୋ ପ୍ରକଳ୍ପ ଅନ୍ତର୍ଗତ ୫୪୨ଟି ଗ୍ରାମ ଓ ତତ୍‌ସଂଲଗ୍ନ ୪୭୭ଟି ଗ୍ରାମର ୩୨,୦୯୧ ଜଣ ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ବର୍ଗ ଲୋକଙ୍କୁ ଉନ୍ନତ ଜୀବିକା ସମେତ ଖାଦ୍ୟ ଓ ପୁଷ୍ଟିସାଧନ ନିରାପତ୍ତା ଯୋଗାଇଦେବ ।

୧୧୭. ୧୦ଟି ଜନଜାତି ଅଧ୍ୟୁଷିତ ଜିଲ୍ଲାର ୩୫ଟି ବ୍ଲକ୍‌ର ୩୬,୪୪୬ ବିପିଏଲ୍, ୩,୦୨୩ ଭୂମିହୀନ ଏବଂ ୧୨,୪୫୦ ଆପଦଗ୍ରସ୍ତ ଦୁଃସ୍ଥ ପରିବାରଙ୍କୁ ଉପକୃତ କରିବା ପାଇଁ ଓଡ଼ିଶା ଜନଜାତି ସଶକ୍ତିକରଣ ଏବଂ ଜୀବିକା କାର୍ଯ୍ୟକ୍ରମ ପ୍ଲସ୍ (ଓଟିଇଏଲ୍ପି ପ୍ଲସ୍) କାର୍ଯ୍ୟକାରୀ ହେଉଛି ।

୧୧୮. ମୋ ସରକାର ପୋଷ୍ଟ୍-ମାଟ୍ରିକ୍ ସ୍ତରର ୯୦୦ ଜଣ ଅନୁସୂଚିତ ଜନଜାତି/ଜାତି ବର୍ଗର ଛାତ୍ରଛାତ୍ରୀଙ୍କ ନିମନ୍ତେ ରାଜଧାନୀର ପୋଖରୀପୁଟ ଓ କଳିଙ୍ଗବିହାରଠାରେ 'ଆକାଂକ୍ଷା' ନାମରେ ଦୁଇଗୋଟି ବୃହତ ସହରାଚଂଳ ହଷ୍ଟେଲ୍ କମ୍ପ୍ଲେକ୍ସ ପରିଚାଳନା କରୁଛନ୍ତି । ଉକ୍ତ ହଷ୍ଟେଲ୍‌ରେ ସମସ୍ତ ଆବଶ୍ୟକୀୟ ସୁବିଧା ସୁଯୋଗ ସହ ରହିବାର ବ୍ୟବସ୍ଥା ମଧ୍ୟ ରହିଛି । ବିନା ଦେୟରେ ଖାଇବା ସୁବିଧା ସହିତ ଏହି ହଷ୍ଟେଲରେ ପଠନ ଗୃହ, ଅବସର ବିନୋଦନ କକ୍ଷ, ପ୍ରଶିକ୍ଷଣ କକ୍ଷ ଏବଂ ଅନ୍ୟାନ୍ୟ ସୁବିଧା ରହିଛି ।

୧୧୯. ଅନ୍ୟୁନ ୨୦ ଲକ୍ଷ ଅନୁସୂଚିତ ଜନଜାତି/ଜାତି ବର୍ଗର ଛାତ୍ରଛାତ୍ରୀ ପ୍ରାୟ ୧୨୦୦ କୋଟି ଟଙ୍କାର ପ୍ରି-ମାଟ୍ରିକ୍ ଓ ପୋଷ୍ଟ୍-ମାଟ୍ରିକ୍ ବୃତ୍ତି ଇଲେକ୍ଟ୍ରୋନିକ ହସ୍ତାନ୍ତର ପଦ୍ଧତିରେ ପ୍ରେରଣା ପୋର୍ଟାଲ୍ ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ୍‌ରେ ପାଇ ପାରୁଛନ୍ତି ।

୧୨୦. ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡିକର ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳାଫଳ ସର୍ବକାଳୀନ ରେକର୍ଡ ୯୫.୬୧ ପ୍ରତିଶତ ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ । ଅନୁସୂଚିତ

ଜନଜାତି/ଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ଲକ୍ଷ୍ୟରେ ମୋ ସରକାର ଟିଏସ୍‌ପି ଅଚଂଳରେ ୧୦ଟି ଅଧିକ ନୂତନ କଳିଙ୍ଗ ମଡେଲ୍ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ସ୍ଥିର କରିଛନ୍ତି ।

୧୨୧. ଭାରତର ପର୍ଯ୍ୟଟନ କ୍ଷେତ୍ରରେ ଆମ ରାଜ୍ୟ ଓଡ଼ିଶା ଏକ ଅନନ୍ୟ ସ୍ଥାନ ଅଧିକାର କରିଛି । ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଥିବା ସମ୍ଭାବନାକୁ ମଜବୁତ କରିବା, ପୁଞ୍ଜି ନିବେଶକାରୀଙ୍କୁ ଆକୃଷ୍ଟ କରିବା, ଘରୋଇ କ୍ଷେତ୍ରରେ ଅଧିକ ଭାଗିଦାରୀ ବୃଦ୍ଧି, ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ, ବିପଣନ ଓ ପର୍ଯ୍ୟଟନର ବିକାଶ ଲକ୍ଷ୍ୟରେ ମୋ ସରକାର ଓଡ଼ିଶା ପର୍ଯ୍ୟଟନ ନୀତି – ୨୦୧୬ ପ୍ରଣୟନ କରିଛନ୍ତି ।

୧୨୨. ମୋ ସରକାର ପରିବେଶ ପର୍ଯ୍ୟଟନକୁ ଅଗ୍ରାଧିକାର ଦେବା ସହିତ ଅନ୍ତର୍ଜାତୀୟ ପର୍ଯ୍ୟଟକମାନଙ୍କ ନିମନ୍ତେ ବୌଦ୍ଧ ପର୍ଯ୍ୟଟନସ୍ଥଳୀଗୁଡିକୁ ପ୍ରୋତ୍ସାହିତ କରୁଛନ୍ତି । ଓଡ଼ିଶାକୁ ସର୍ବାଧିକ ଦର୍ଶନୀୟ ପର୍ଯ୍ୟଟନସ୍ଥଳୀ ଭାବରେ ପରିଗଣିତ କରି ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ ନିମନ୍ତେ ପଦକ୍ଷେପମାନ ନିଆଯାଇଛି । ମୋ ସରକାର ୨୦୧୬-୧୭ ବର୍ଷରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ସମଗ୍ର ରାଜ୍ୟର ହଜାର ହଜାର ସଂଖ୍ୟାରେ ବରିଷ୍ଠ ନାଗରିକ ଦେଶର ବିଭିନ୍ନ ପ୍ରମୁଖ ଧାର୍ମିକ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରି ଆଧାତ୍ମିକ ଏବଂ ଦିବ୍ୟ ଅନୁଭୂତି ଲାଭ କରିପାରିଛନ୍ତି ।

୧୨୩. ବିଭିନ୍ନ ଏକାଡ଼େମୀ ଏବଂ ଅଧସ୍ତନ ଅନୁଷ୍ଠାନର ସହଭାଗିତାରେ ମୋ ସରକାର ରାଜ୍ୟର ଅନନ୍ୟ ସାଂସ୍କୃତିକ ବୈଭବର ବିସ୍ତୃତ ତଥା ଯୋଜନା ବଦ୍ଧ ବିକାଶ ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । କଳାକାର ସଂଘ ମାଧମରେ କଳାକାରମାନଙ୍କୁ ଜୀବିକା ନିର୍ବାହ ସହାୟତା ପ୍ରଦାନ କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ । ମୋ ସରକାରଙ୍କ ଉଦ୍ୟମରେ ଏବଂ ଜିଲ୍ଲା କଳା ସଂସ୍କୃତି ସଂଘ ତଥା ବ୍ଲକ୍ କଳା ସଂସ୍କୃତି ସଂଘ ସହଯୋଗରେ ରାଜ୍ୟର ପାରମ୍ପରିକ କଳାକାରମାନଙ୍କୁ ଜୀବିକା ସହାୟତା ପ୍ରଦାନ, ପାରମ୍ପରିକ କଳାର ପ୍ରସାର ଓ ସୁରକ୍ଷା ଏବଂ ପାରମ୍ପରିକ କଳାକାରମାନଙ୍କ ଜରିଆରେ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାର ପ୍ରଚାର କରାଯାଉଛି । ମୁଁ ଆନନ୍ଦିତ ଯେ ମୋ ସରକାର ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ, ପ୍ରସାର ଓ ଜନାଦୃତି ପାଇଁ ଓଡ଼ିଆ ଭାଷା ଭର୍ଚୁଆଲ ଏକାଡ଼େମୀ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

୧୨୪. ମୋ ସରକାର ହସ୍ତତନ୍ତ କ୍ଷେତ୍ରର ବ୍ୟାପକ ବିକାଶ ସାଧନ ନିମନ୍ତେ ଫଳପ୍ରଦ ଉଦ୍ୟମ ଜାରି ରଖିଛନ୍ତି । ୨୦୧୬-୧୭ ବର୍ଷରେ ବୁଣାକାରମାନଙ୍କ ନିମନ୍ତେ ୧୦୦୦ଟି ତନ୍ତଶାଳା ନିର୍ମାଣ ପାଇଁ ମୋ ସରକାର ୭୦୦ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ୬୦୦ ଜଣ ବୁଣାକାରଙ୍କ ଦକ୍ଷତା ବିକାଶ ନିମନ୍ତେ ୧୫୨ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ କରାଯାଇଛି ।

୧୨୫. ବିବିଧ ଉନ୍ନତମାନର ଆକର୍ଷଣୀୟ ହାତବୁଣା ଟସର-ରେଶମ ସାମଗ୍ରୀ ଉତ୍ପାଦନ ପାଇଁ ଯାଜପୁର ଜିଲ୍ଲାର ଗୋପାଳପୁରଠାରେ ଏକ ବ୍ଲକ ପ୍ରିଣ୍ଟିଂ ୟୁନିଟ୍ ସ୍ଥାପନ କରାଯାଇଛି । ହସ୍ତତନ୍ତର ସାମୂହିକ ବିକାଶ ଉଦ୍ଦେଶ୍ୟରେ ୬ଟି ନୂତନ ବ୍ଲକସ୍ତରୀୟ କ୍ଲଷ୍ଟର ନିର୍ମାଣ ପାଇଁ ୧୦୬୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି ।

୧୨୬. ଜନଜାତି ବର୍ଗର ରେଶମ ଚାଷୀମାନଙ୍କ ବଜାର ସୁବିଧା ଓ ପୁଞ୍ଜି ଅଂଶଧନ ରାଶି ବୃଦ୍ଧି ଲକ୍ଷ୍ୟରେ ମୋ ସରକାର 'ସେରିଫେଡ୍'କୁ ପୁନର୍ଗଠନ ଓ ସୁଦୃଢ଼ୀକରଣ କରିଛନ୍ତି । ୨୦୧୬-୧୭ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜ୍ ଜରିଆରେ ୧୫,୩୭୬ ଜଣ ଟସର ଚାଷୀଙ୍କୁ ବିଭିନ୍ନ ବ୍ୟାବହାରିକ ସାମଗ୍ରୀ ଯୋଗାଇ ଦିଆଯାଇଛି ଏବଂ ୧୬,୯୯୦ ଜଣ ରେଶମ ଚାଷୀଙ୍କୁ ଆମ୍ ଆଦମୀ ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି ।

୧୨୭. ୪,୨୧୦ କାରିଗରଙ୍କୁ ତାଲିମ ପ୍ରଦାନ କରାଯାଇଛି ଏବଂ ୯୦୦ କାରିଗରଙ୍କୁ ବଜାର ସୁବିଧା ଯୋଗାଇ ଦିଆଯାଇଛି । ୨୦୧୭-୧୮ ବର୍ଷରେ ୪,୫୭୬ କାରିଗରଙ୍କୁ ତାଲିମ୍ ପ୍ରଦାନ ଏବଂ ୨,୨୦୦ କାରିଗରଙ୍କୁ ବଜାର ସହାୟତା ଯୋଗାଇଦେବା ପାଇଁ ପ୍ରସ୍ତାବ ରହିଛି ।

୧୨୮. ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ଯୋଗାଯୋଗ ଏକ ବଳିଷ୍ଠ ମାଧ୍ୟମ ଭାବେ ବିବେଚନା କରି ମୋ ସରକାର ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ରାସ୍ତାର ଉନ୍ନତିକରଣ ଏବଂ ସଂଯୋଗୀକରଣ ନିମନ୍ତେ ପ୍ରଭୂତ ସମ୍ବଳ ଆବଣ୍ଟନ କରିଛନ୍ତି । ଗତବର୍ଷ ୩୭୫କୋଟି ଟଙ୍କା ବ୍ୟୟ ଅଟକଳରେ ୧୬୩୮ କି.ମି. ଦୈର୍ଘ୍ୟ ବିଶିଷ୍ଟ ୪୧୭ଟି ରାସ୍ତା ନିର୍ମାଣ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି । ଜନଜାତି ବର୍ଗର ଲୋକମାନଙ୍କ ହିତସାଧନ ନିମନ୍ତେ ୨୦୧୭ ସେପ୍ଟେମ୍ବର ସୁଦ୍ଧା ୧୮୭ କୋଟିରୁ ଅଧିକ ଟଙ୍କା ବ୍ୟୟରେ ମାଲକାନଗିରି ସହିତ ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ସଂଯୁକ୍ତ କରୁଥିବା ଗୁରୁପ୍ରିୟା ସେତୁର ନିର୍ମାଣ କାର୍ଯ୍ୟ ଶେଷ ହେବ ।

୧୨୯. ମୋ ସରକାର ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ ଯୋଜନାରେ ରାସ୍ତାଘାଟ – ଭିତ୍ତିଭୂମି ବିକାଶ ନିମନ୍ତେ ୧,୪୧୧ କୋଟି ଟଙ୍କାର ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛନ୍ତି । ଭବାନୀପାଟଣା–ଖରିଆର ରୋଡ଼ କରିଡ଼ର, ଆନନ୍ଦପୁର–ଭଦ୍ରକ–ଚାନ୍ଦବାଲି କରିଡ଼ର, ବ୍ରହ୍ମପୁର–ତପ୍ତପାଣି କରିଡ଼ର ଏବଂ ଜଗତପୁର–ଚାନ୍ଦବାଲି କରିଡ଼ରର ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଛି । ବିଜୁ କେବିକେ ଯୋଜନାରେ ୨୦୧୬–୧୭ ବର୍ଷ ମଧ୍ୟରେ ୩ଟି ସେତୁର ନିର୍ମାଣ ଓ ୨୦କିମି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଓଡ଼ିଶା ରାଜ୍ୟ ରାସ୍ତା ଏବଂ କୋଠାବାଡ଼ି ବିଭାଗ ଦ୍ୱାରା ୧୫୨୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ଦେଇ ଯାଇଥିବା ବିଜୟୱାଡ଼ା–ରାଞ୍ଚି କରିଡ଼ରର ୭୭୫ କି.ମି. ଦୈର୍ଘ୍ୟ ରାସ୍ତା ନିର୍ମାଣ କରାଯାଉଛି ।

୧୩୦. ଗ୍ରାମାଞ୍ଚଳର ସାମୁହିକ ବିକାଶ ନିମନ୍ତେ ମୋ ସରକାର ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକୁ ଉପଯୁକ୍ତ ଗମନାଗମନ, ଭିତ୍ତିଭୂମି, ସ୍ୱଚ୍ଛ ପାନୀୟ ଜଳ ଏବଂ ପରିମଳ ସୁବିଧା ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି । ବିଜୁ ସେତୁ ଯୋଜନାରେ ୭୮୦ କୋଟି ଟଙ୍କା ବ୍ୟୟରେ ୪୮୧ଟି ସେତୁ ନିର୍ମାଣ କରାଯାଇ ସମସ୍ତ ଜନବସତିଗୁଡ଼ିକୁ ସବୁଦିନିଆ ଗମନାଗମନ ସୁବିଧା ଯୋଗାଇ ଦିଆଯାଇଛି । ରାଜ୍ୟର ଜନଜାତି ଅଧ୍ୟୁଷିତ ଅଗମ୍ୟ ଅଞ୍ଚଳରେ ନିର୍ମିତ ୧୨୦ଟି ବେଲିବ୍ରିଜ୍ ମଧ୍ୟରୁ ମାଲକାନଗିରି ଜିଲ୍ଲାରେ କେବଳ୧୦ଟି ବେଲିବ୍ରିଜ୍ ନିର୍ମିତ ହୋଇଛି । ୨୦୧୬–୧୭ ବର୍ଷରେ ପ୍ରାୟ ୫୦୦୦ କି.ମି. ଦୈର୍ଘ୍ୟ ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଛି । ୨୦୧୭–୧୮ ଶେଷ ସୁଦ୍ଧା, ମୋ ସରକାର ୧୫୦ଟି ସେତୁ, ୬୦୦୦ କି.ମି. ଗ୍ରାମ୍ୟ ରାସ୍ତା, ୧୯ଟି ମଡେଲ ସ୍କୁଲ ଏବଂ ୩୧୪ଟି ସରକାରୀ କୋଠାବାଡ଼ି ନିର୍ମାଣ ନିମନ୍ତେ ଯୋଜନା ରଖିଛନ୍ତି ।

୧୩୧. ମୋ ସରକାର ସମସ୍ତଙ୍କୁ ପର୍ଯ୍ୟାପ୍ତ ଏବଂ ସମାନୁପାତିକ ପରିମଳ ଓ ସ୍ୱାସ୍ଥ୍ୟରକ୍ଷା ସୁବିଧା ଯୋଗାଇଦେଇ ୨୦୧୯ ସୁଦ୍ଧା ଖୋଲା ସ୍ଥାନରେ ମଳତ୍ୟାଗ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି । ୨୦୧୬–୧୭ ବର୍ଷ ବଜେଟ୍‌ରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ପାଇଁ ୨,୩୭୮ କୋଟିରୁ ଅଧିକ ଟଙ୍କାର ବ୍ୟବସ୍ଥା କରିଛନ୍ତି ।

୧୩୨. ଓଡ଼ିଶାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ନିମନ୍ତେ ୪,୪୧,୬୩୫ଟି ଜଳଉତ୍ସ (ନଳକୂପ ଏବଂ ପରିମଳ କୂପ) ଏବଂ ୧୦,୪୨୦ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି । ଚଳିତ ଆର୍ଥିକ ବର୍ଷରେ ୧୨୯ଟି ପାଇପ୍ ଜଳଯୋଗାଣ ପ୍ରକଳ୍ପ ଏବଂ ୮,୧୫୯ଟି ଜଳଉତ୍ସ ସ୍ଥାପନ ପାଇଁ ସ୍ଥାନ ଚିହ୍ନଟ କରାଯାଇଛି । ଏହା ଉଲ୍ଲେଖଯୋଗ୍ୟ ଯେ ମୋ ସରକାର ୧୩୯ଟି ଗ୍ରାମପଞ୍ଚାୟତକୁ ଖୋଲା ମଳତ୍ୟାଗମୁକ୍ତ ଗ୍ରାମ ପଞ୍ଚାୟତ ଭାବେ ଘୋଷଣା କରିଛନ୍ତି ଏବଂ ମୁଁ ଆଶାବାଦୀ ଯେ ଏଥିରେ ଆହୁରି ଅନେକ ଗ୍ରାମ ପଞ୍ଚାୟତ ସାମିଲ ହେବେ।

୧୩୩. ମୋ ସରକାର ରାଜ୍ୟରେ ଖେଳକୁଦ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଦିଗରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ପୋଲିସ ବିଭାଗ ଏବଂ ସରକାରଙ୍କ ଦ୍ୱାରା ପରିଚାଳିତ ସମସ୍ତ ଘରୋଇ ଉଦ୍ୟୋଗରେ ମେଧାବୀ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ପ୍ରଦାନ ନିମନ୍ତେ ମୋ ସରକାର ଏକ ନିର୍ଦ୍ଦିଷ୍ଟ ନୀତି ଗ୍ରହଣ କରିଛନ୍ତି । ଓଡ଼ିଶା ପୋଲିସ୍‌ରେ ୬୦ ଜଣ କ୍ରୀଡ଼ାବିତ୍‌ଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ୨୦୧୦ କମନ୍‌ୱେଲ୍‌ଥ୍ ଗେମ୍‌ସ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଭାରଉତ୍ତୋଳନକାରୀ

ଶ୍ରୀ କେ. ରବିକୁମାରଙ୍କୁ ୨୦୧୬ ଜୁନ୍ ମାସରେ ଓଡ଼ିଶା ପୋଲିସ ବିଭାଗରେ ଉପ-ଆରକ୍ଷୀ ଅଧିକ୍ଷକ ଭାବେ ପ୍ରତ୍ୟକ୍ଷ ନିଯୁକ୍ତି ପ୍ରଦାନ କରାଯାଇଛି ।

୧୩୪. ସେହିପରି ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରଦାନ କରାଯାଉଥିବା ପୁରସ୍କାର ଅର୍ଥରାଶିକୁ ଯଥେଷ୍ଟ ବୃଦ୍ଧି କରାଯାଇଛି । ଅଲମ୍ପିକ୍ କ୍ରୀଡ଼ାରେ ବ୍ୟକ୍ତିଗତ ଏବଂ ଦଳଗତ ଭାବେ ସ୍ୱର୍ଣ୍ଣପଦକ ହାସଲ କରୁଥିବା ବିଜେତାଙ୍କୁ ଯଥାକ୍ରମେ ସର୍ବୋଚ୍ଚ ଏକକୋଟି ଓ ପଚାଶ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ବିଭିନ୍ନ ସ୍ତରରେ ଅଂଶ ଗ୍ରହଣ ଓ କୃତିତ୍ୱ ଭିତ୍ତିରେ ବିଗତ ଦୁଇବର୍ଷ ମଧ୍ୟରେ ୪୪୧ ଜଣ କ୍ରୀଡ଼ାବିତ୍‌ଙ୍କୁ ୧୫ ହଜାରରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୨.୫୩ କୋଟି ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି । ୨୦୧୬-୧୭ ବର୍ଷରେ ୨୦୩ ଜଣ କ୍ରୀଡ଼ାବିତ୍ ଓ ୨ ଜଣ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ୭୫.୫୧ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି ।

୧୩୫. ରିଓ ଅଲମ୍ପିକ୍‌ରେ ୪ ଜଣ ମହିଳା ହକି ଖେଳାଳୀ ଓ ୨ ଜଣ ମହିଳା ଆଥଲେଟ୍‌ଙ୍କ ଐତିହାସିକ ଯୋଗଦାନ ମୋ ସରକାରଙ୍କ କ୍ରୀଡ଼ା ଓ ଏହାର ଭିତ୍ତିଭୂମି ବିକାଶ ନିମନ୍ତେ ଅନୁକୂଳ ନୀତିର ସର୍ବୋତ୍କୃଷ୍ଟ ପ୍ରମାଣ ।

୧୩୬. କ୍ରୀଡ଼ା ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶ ନିମନ୍ତେ ବ୍ଲକ୍ ଏବଂ ପୌରାଞ୍ଚଳଗୁଡ଼ିକରେ ମିନି ଷ୍ଟାଡ଼ିୟମ୍‌ମାନ ନିର୍ମାଣ କରାଯାଉଛି । ଜିଲ୍ଲା ସଦର ମହକୁମାଗୁଡ଼ିକରେ ସନ୍ତରଣାଗାର କମ୍ପ୍ଲେକ୍ସ ଓ ବହୁମୁଖୀ ଇନ୍‌ଡୋର୍ ହଲ୍ ଓ ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ସମନ୍ୱିତ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ ପରି ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ମୋ ସରକାର ବର୍ତ୍ତମାନ ଧ୍ୟାନ ଦେଇଛନ୍ତି ।

୧୩୭. ରାଜ୍ୟ ଯୁବନୀତି-୨୦୧୩ ର ଅଂଶ ସ୍ୱରୂପ, ୨୦୧୪ ମସିହା ଗାନ୍ଧୀ ଜୟନ୍ତୀଠାରୁ "ସକ୍ରିୟ ନାଗରିକତ୍ୱ" ଶୀର୍ଷକ ଏକ ଅଭିନବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଯୁବଗୋଷ୍ଠୀଙ୍କ ମଧ୍ୟରେ ନାଗରିକ ଚେତନା, ମହିଳାମାନଙ୍କୁ ସମ୍ମାନ, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପ୍ରତି ସହାନୁଭୂତି, ମାଦକ ଦ୍ରବ୍ୟ ପ୍ରତି ବିମୁଖତା ଏବଂ ଦେଶପ୍ରେମର ଉନ୍ମେଷ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ଅଧୀନରେ ପ୍ରତିବର୍ଷ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରାୟ ୬ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଉଛି ।

୧୩୮. ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ମୋ ସରକାର ରାଜ୍ୟର ଯୁବକମାନଙ୍କୁ ପ୍ରମୁଖ ହିମାଳୟ ଶୃଙ୍ଗ ଆରୋହଣ ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ବିଜୁ ପଟ୍ଟନାୟକ ବାର୍ଷିକ ହିମାଳୟ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନରେ ପ୍ରଥମ ଦଳରେ ୧୫ ଜଣ ଯୁବକ ୨୦୧୬ ସେପ୍ଟେମ୍ବରରେ ହିମାଳୟର ରୁଦୁଗାଇରା ଶୃଙ୍ଗ ଆରୋହଣ କରିଛନ୍ତି । ଯୁବଗୋଷ୍ଠୀଙ୍କ ମଧ୍ୟରେ ଶୃଙ୍ଖଳା ମୂଲ୍ୟବୋଧ, ଦଳଗତ ଓ ନେତୃତ୍ୱ ନେବାର ମନୋଭାବ ଜାଗ୍ରତ ଏହି ଅଭିଯାନର ମୂଳ ଲକ୍ଷ୍ୟ ।

୧୩୯. ଆନ୍ତର୍ଜାତିକ କ୍ରୀଡ଼ା ମାନଚିତ୍ରରେ ଆମ ରାଜ୍ୟ ଏକ ପ୍ରମୁଖ ସ୍ଥାନ ହାସଲ କରିସାରିଛି । ଭୁବନେଶ୍ୱର ସହରରେ ଗତ ଡ଼ିସେମ୍ବର ୧୪ ତାରିଖରେ ଆଠଟି ଦେଶକୁ ନେଇ ମର୍ଯ୍ୟାଦାଜନକ ଏଫ୍.ଆଇ.ଏଚ୍. ଚମ୍ପିଆନ୍ ଟ୍ରଫି ପୁରୁଷ ହକି ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଛି ଓ ୨୦୧୭ ଡ଼ିସେମ୍ବରେ ହକି ୱାର୍ଲଡ୍ ଲିଗ୍ ଫାଇନାଲ ଏବଂ ୨୦୧୮ ଡ଼ିସେମ୍ବରରେ ସମ୍ମାନଜନକ ପୁରୁଷ ହକି ୱାର୍ଲଡ୍ କପ୍ ଆୟୋଜିତ ହେବାକୁ ଯାଉଛି ।

୧୪୦. ମୋ ସରକାର ରାଜ୍ୟରେ ସାଧାରଣ ଅଭିଯୋଗ ଏବଂ ପେନ୍‌ସନ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ନିମନ୍ତେ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ, ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପିତ ଅଭିଯୋଗ ବାକ୍ସ/କିଓସ୍କରେ ପଡୁଥିବା ଅଭିଯୋଗ ସମ୍ବଳିତ ଦରଖାସ୍ତଗୁଡ଼ିକୁ ସଂଗ୍ରହ କରି ତୁରନ୍ତ ସମାଧାନ ନିମନ୍ତେ ସେ ସବୁର ନିୟମିତ ଯାଞ୍ଚ କରାଯାଉଛି ।

ରାଜ୍ୟରେ ପଡ଼ିରହିଥିବା ପେନ୍‌ସନ୍ ମାମଲାଗୁଡ଼ିକୁ ନିୟମିତ ତଦାରଖ କରାଯାଉଛି ଏବଂ ଉକ୍ତ ମାମଲାଗୁଡ଼ିକର ଆଶୁ ସମାଧାନ ନିମନ୍ତେ ସମସ୍ତ ପେନ୍‌ସନ୍ ମଞ୍ଜୁରକାରୀ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି । ଦୀର୍ଘ ଦିନ ଧରି ପଡ଼ିରହିଥିବା ପେନ୍‌ସନ୍ ମାମଲାଗୁଡ଼ିକର ସମାଧାନ ନିମନ୍ତେ ପ୍ରାକ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସଙ୍ଗେ ସଙ୍ଗେ ଜିଲ୍ଲାସ୍ତରରେ ପେନ୍‌ସନ୍ ଅଦାଲତ ଆୟୋଜନ କରାଯାଉଛି ।

୧୪୧. ମୋ ସରକାର ମିଳିତ ଜାତିସଂଘ ଦ୍ୱାରା ଘୋଷିତ ସମାଗ୍ରିକ ବିକାଶ ଲକ୍ଷ୍ୟ (ଏସ୍‌ଡ଼ିଜି) ଓ ୨୦୩୬ ମସିହା ସୁଦ୍ଧା ଓଡ଼ିଶାର ଜନସାଧାରଣଙ୍କ ଆବଶ୍ୟକତା ତଥା ଆକାଂକ୍ଷାକୁ ଦୃଷ୍ଟିରେ ରଖି 'ଭିଜନ୍ -୨୦୩୬' ଡକ୍ୟୁମେଣ୍ଟ୍ ପ୍ରସ୍ତୁତ କରୁଛନ୍ତି ଯାହାକି ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ସହ ଏକ ଅପୂର୍ବ ସଂଯୋଗ ।

୧୪୨. ଓଡ଼ିଶା ଆଜି ଦ୍ରୁତ ବିକାଶର ପ୍ରୟୋଗଶାଳା । ବିକାଶ ପ୍ରକ୍ରିୟାରେ ପ୍ରତ୍ୟେକଙ୍କ ସହଯୋଗ ଦ୍ୱାରା ଆମକୁ ଭବିଷ୍ୟତ ସୁନିଶ୍ଚିତ କରିବାକୁ ପଡ଼ିବ । ସଂଗ୍ରାମ କରି ବଞ୍ଚିବା ହେଉଛି ଓଡ଼ିଶାର ସମୃଦ୍ଧ ଇତିହାସ ଏବଂ ସମୟର ସନ୍ଧିକ୍ଷଣରେ ଓଡ଼ିଶାର ଜନସାଧାରଣ ସେମାନଙ୍କର ଅଦମ୍ୟ ସାହସ ପ୍ରତିପାଦନ କରିଆସିଛନ୍ତି । ଅତୀତର ଅନୁଭବକୁ ପାଥେୟ କରି ଆମକୁ ଆଗେଇବାକୁ ପଡ଼ିବ । ଏଥି ସହିତ ଆଜିର ଆହ୍ୱାନକୁ ମୁକାବିଲା କରି ଆମେ ଆଗାମୀ କାଲିର ଏକ ଶକ୍ତିଶାଳୀ ଓଡ଼ିଶା ଗଠନରେ ସାମିଲ୍ ହେବା ।

କୌଣସି ବାଛବିଚାର ନରଖି ପ୍ରତ୍ୟେକ ବର୍ଗର ଜନସାଧାରଣ ଏବଂ ରାଜ୍ୟର ସମସ୍ତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ସୁନିଶ୍ଚିତ କରିବାକୁ ମୋ ସରକାରଙ୍କ ପ୍ରତିବଦ୍ଧତାକୁ ମୁଁ ପୁଣି ଥରେ ଦୋହରାଉଛି ।

ମୁଁ ବର୍ତ୍ତମାନ ଆଲୋଚନା ଜାରି ରଖିବା ପାଇଁ ଆପଣମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରି ଆପଣମାନଙ୍କର ଅପାର ସଫଳତା କାମନା କରୁଛି ।

ବନ୍ଦେ ଉତ୍କଳ ଜନନୀ ।

❖ ❖ ❖